ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ନିୟମିତ ହୋଇଛି ୧୦,୭୭୮ ବେଆଇନ ଧର୍ମାନୁଷ୍ଠାନ

କଟକ ଅଫିସ, ୨୧।୧୨: ବେଆଇନ ଧର୍ମାନୁଷ୍ଠାନ ଉଚ୍ଛେଦ ମାମଲା ସମ୍ପର୍କିତ ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୦,୭୭୮ଟି ବେଆଇନ ଧର୍ମାନୁଷ୍ଠାନକୁ ନିୟମିତ କରାଯାଇଛି। ୨୦୧୨ଟି ବେଆଇନ ଧର୍ମାନୁଷ୍ଠାନକୁ ମାଟିରେ ମିଶାଇ ଦିଆଯାଇଛି, ୫୦୩ଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି, ଆଉ ୫୨୬୮ଟି ଧର୍ମାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ବାକି ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଏପ୍ରିଲ ୫ରେ ମାମଲାର ପରବର୍ତ୍ତି ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ରହିଥିବା ବେଆଇନ ଧର୍ମାନୁଷ୍ଠାନକୁ ନେଇ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ଶୁଣାଣି କରୁଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ସତ୍ୟପାଠ ମାଧମରେ ଉଚ୍ଛେଦ ହେଉଥିବା, ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ଓ ନିୟମିତ ହେଉଥିବା ଧର୍ମାନୁଷ୍ଠାନଗୁଡ଼ିକର ତଥ୍ୟ ହାଇକୋର୍ଟଙ୍କୁ ପ୍ରଦାନ କରିଆସୁଛନ୍ତି। ରାଜ୍ୟରେ ୧୮,୬୨୧ ବେଆଇନ ଧର୍ମାନୁଷ୍ଠାନ ରହିଛି। ସେଥିମଧ୍ୟରେ ୧୩,୩୫୩ଟି ଉପରେ ପଦକ୍ଷେପ ନିଆଯାଇସାରିଲାଣି ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

# ଆକାଶଙ୍କ ସକ୍ରିୟତାକୁ ନେଇ ଚର୍ଚ୍ଚା

ରସୁଲପୁର,୨୧।୧୨(ଡି.ଏନ.ଏ.):



ନରସିଂହପୁର ପଞ୍ଚାୟତର ଜଗନ୍ନାଥ ମଠରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆକାଶ ଦାସନାୟକ ଓ ଅନ୍ୟମାନେ।

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକର ବାହାଦଲାପୁର, ମୁଗୁପାଳ, ନରସିଂହପୁର ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ରାଜନୀତି ପାଣିପାଗ ଉଷ୍ମ ହୋଇଛି। ଗତ ସୋମବାର ସେ ବାହାଦଲାପୁର, ମୁଗୁପାଳ ଓ ନରସିଂହପୁର ପଞ୍ଚାୟତର ୪ଟି ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କୁ ୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗରିପୁର ଗାଁ ନିକଟସ୍ଥ ହରପାର୍ବତୀ ମନ୍ଦିର ନିକଟରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶ ମୁଗୁପାଳ ପଞ୍ଚାୟତରେ ବୁଲିବା ସହ ନରସିଂହପୁର ପଞ୍ଚାୟତର ଜଗନ୍ନାଥ ମଠରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ପଞ୍ଚାୟତର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତାଙ୍କ ଗସ୍ତବେଳେ ୩୩ ନଂ. ଜିଲା ପରିଷଦ ଜୋନ୍ ସଭ୍ୟ ଶିଶିର କୁମାର ମହାନ୍ତି, ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା, ନରସିଂହପୁର ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ଯୁବନେତା ସୁବାସ ନାୟକ ଓ ପଦ୍ମଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆକାଶ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଶ୍ରଦ୍ଧାଞ୍ଜଳି ସଭା, ବ୍ୟବସାୟିକ ପ୍ରତିଷ୍ଠାନର ଉଦ୍‌ଘାଟନୀ ସଭା ଜରିଆରେ ଲୋକଙ୍କୁ ଭେଟୁଛନ୍ତି। କାର୍ଯ୍ୟକ୍ରମଗୁଡ଼ିକୁ ମାଧ୍ୟମକରି ସେ ତାଙ୍କ ସ୍ଥିତି ସାବ୍ୟସ୍ତ ପାଇଁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି।

୨୦୧୪ରେ ଆକାଶ କୋରେଇରୁ ବିଜେଡି ଟିକେଟ ହାତେଇ ବିଧାୟକ ହୋଇଥିଲେ। ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଦଳ ସୁକିନ୍ଦାରୁ ପ୍ରାର୍ଥୀ କରାଇ ଏହି ନିର୍ବାଚନମଣ୍ଡଳୀରୁ ଆକାଶଙ୍କୁ ପ୍ରାର୍ଥୀ କରାଇଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି କୋରେଇ ବ୍ଲକରେ ଅଧ୍ୟକ୍ଷ ପଦ ହାତେଇବାକୁ ଅସମର୍ଥ ହୋଇଥିଲା। ଏହାକୁ କେନ୍ଦ୍ରକରି ୨୦୧୯ ସାଧାରଣ ନିର୍ବାଚନରେ ଦଳ ଆକାଶଙ୍କୁ ଟିକେଟରୁ ବଞ୍ଚିତ କରି ତାଙ୍କ ସ୍ଥାନରେ ଅଶୋକ ବଳଙ୍କୁ ପ୍ରାର୍ଥୀ କରାଇଥିଲା। ମାତ୍ର ଦଳ ଆକାଶଙ୍କ ଉପରୁ ଆସ୍ଥା ହରାଇ ନ ଥିଲା। ଦଳୀୟସ୍ତରରେ ତାଙ୍କୁ ଥଇଥାନ ବି କରାଯାଇଛି। ମୋ କଲେଜ ଅଧ୍ୟକ୍ଷ ପଦରେ ରହି ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦୃଷ୍ଟିରେ ଥିବା ଆଲୋଚନା ହେଉଛି। ତେଣୁ ଦଳ ତାଙ୍କୁ ପୁଣି ପ୍ରାର୍ଥୀ କରିବ ବୋଲି ସେ ଆଶାପୋଷଣ କରୁଛନ୍ତି। ଏଥିସହ ସାଧାରଣ ନିର୍ବାଚନ ପାଖେଇ ଆସିବା ଓ ସମ୍ଭବତଃ ୨୦୨୪ ବଦଳରେ ୨୦୨୩ରେ ନିର୍ବାଚନ ହେବା ସମ୍ଭାବନାକୁ ନେଇ ତାଙ୍କ ଗସ୍ତ ଅଧିକ ଶାଣିତ ହେଉଥିବା ଲକ୍ଷ୍ୟ କରାଯାଉଛି। ଆସନ୍ତା ନିର୍ବାଚନରେ ସେ ଦଳୀୟ ପ୍ରାର୍ଥୀ ହେବା ଆଶା ରଖି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରୁଛନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

ଏହି ନିର୍ବାଚନମଣ୍ଡଳୀରେ ରସୁଲପୁର ବ୍ଲକ୍ ଅଧୀନ ୯ ପଞ୍ଚାୟତର ଭୋଟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହାକୁ ଦୃଷ୍ଟିଦେଇ ଆକାଶ ଏଭଳି ଗସ୍ତ କରୁଛନ୍ତି ବୋଲି କେତେଜଣ ମତ ରଖିଛନ୍ତି। ତେବେ ଧାମନଗର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ହାରିବା ପରେ ନିର୍ବାଚନ ଦାୟିତ୍ୱରେ ଥିବା ଯାଜପୁରର ଜଣେ ନେତାଙ୍କ କ୍ଷମତା ପ୍ରଭାବିତ ହୋଇଛି। ଏହାକୁ ଆକାଶ ସୁଯୋଗ ବୋଲି ମନେ କରୁଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅଶୋକ ଦାସଙ୍କ ଜନତା ଦଳ ଓ ପରବର୍ତ୍ତୀ ଅବସ୍ଥାରେ ବିଜୁ ଜନତାଦଳ ଏହି ନିର୍ବାଚନମଣ୍ଡଳୀରେ କାହାରିକୁ ଲଗାତର ୨ୟ ଥର ଦଳୀୟ ପ୍ରାର୍ଥୀ କରିବାକୁ ସୁଯୋଗ ଦେଇନାହିଁ। ଏହି ଇତିହାସକୁ ଅବଲୋକନ କଲେ ଆକାଶ ପୁଣିଥରେ କୋରେଇରୁ ଦଳୀୟ ଟିକେଟ ହାତେଇବାକୁ ମନରେ ଆଶା ବାନ୍ଧିଛନ୍ତି। ଆକାଶ କୋରେଇ ରାଜନୀତିରେ ସକ୍ରିୟ ହୋଇ ଉଠିବା ପଛରେ ଦଳୀୟ ସୁପ୍ରିମୋଙ୍କ ସବୁଜ ସଂକେତ ରହିଛି ବୋଲି ତାଙ୍କ ସମର୍ଥକଙ୍କ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଆକାଶଙ୍କୁ ପଚାରିବାରେ ସେ କହିଛନ୍ତି, ରସୁଲପୁର ବ୍ଲକ ହେଉଛି ତାଙ୍କ ଜନ୍ମମାଟି। ମାଟି ମା ସେବା କରିବାକୁ ସୁଯୋଗ ମିଳିବା ତାଙ୍କ ପାଇଁ ବଡ଼ ସୌଭାଗ୍ୟ ବୋଲି ସେ ମନେକରନ୍ତି। ଦଳରୁ ଟିକେଟ ଆଶାୟୀ ରହିବା ସ୍ୱାଭାବିକ ପ୍ରକ୍ରିୟା। କେବଳ ନିର୍ବାଚନକୁ ଆଖି ଆଗରେ ରଖି ନୁହେଁ। ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟରେ ଯେଉଁମାନେ ନିମନ୍ତ୍ରଣ କରିଛନ୍ତି, ସେ ସେଠାରେ ପହଞ୍ଚିବାକୁ ଚେଷ୍ଟା କରିଛନ୍ତି। ସେହି ଆଧାରରେ ସେ ଲୋକଙ୍କ ସହ ସମ୍ପର୍କରେ ଅଛନ୍ତି। କରୋନା ସମୟରେ ସେ ଲୋକଙ୍କୁ ଭେଟି ନ ପାରିଲେ ବି ଫୋନ ଯୋଗେ ଭଲମନ୍ଦ ପଚାରି ବୁଝିଛନ୍ତି। ଏଭଳି ଭାବେ ସେ ଲୋକଙ୍କ ସହ ସମ୍ପର୍କରେ ରହି ଆସୁଛନ୍ତି। ତେଣୁ ଲୋକଙ୍କ ସେବା କରିବାକୁ ଦଳ ପୁଣି ସୁଯୋଗ ଦେଲେ ସେ ପ୍ରସ୍ତୁତ ବୋଲି ପ୍ରକାଶ କରିଛନ୍ତି।

## ମଶା ଧୂଆଁରୁ ଅଗ୍ନିକାଣ୍ଡ, ଗାଇ ଜୀବନ୍ତ ଦଗ୍ଧ

ରସୁଲପୁର,୨୧।୧୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ଗୋପୀନାଥପୁର ଶାସନରେ ବୁଧବାର ସନ୍ଧ୍ୟାରେ ମଶା ଧୂଆଁରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଏକ ଗାଇ ଜୀବନ୍ତ ଦଗ୍ଧ ହୋଇଯାଇ ଥିବା ବେଳେ ଗୁହାଳ ପୋଡି ପାଉଁଶ ହୋଇଯାଇଛି। ଗ୍ରାମର ପ୍ରଶାନ୍ତ ଶତପଥୀ ତାଙ୍କ ଗୁହାଳରୁ ମଶା ଘଉଡ଼ାଇବା ପାଇଁ ଧୂଆଁ ଦେଇଥିଲେ। ଉକ୍ତ ଧୂଆଁ ମିଶା ନିଆଁରୁ ଝୁଲ ଉଡି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଗୁହାଳ ଛପରରେ ଲାଗି ଯିବାରୁ ଗୁହାଳଟି ହୁତୁହୁତ ହୋଇ ଜଳି ଉଠିଥିଲା। ନିଆଁ ପ୍ରକୋପ ଏତେ କ୍ଷୀପ୍ର ଥିଲା ଯେ ଗୁହାଳରେ ବନ୍ଧା ହୋଇଥିବା ଏକ ଗାଈକୁ ଉଦ୍ଧାର କରିବା ସମ୍ଭବପର ହୋଇପାରି ନ ଥିଲା। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



# ସାମନ୍ତ ସିଂହାର ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବରୀ,୨୧।୧୨(ଡି.ଏନ.ଏ.):

ବରୀ ବ୍ଲକ୍ ଅଧୀନ ସାମନ୍ତସିଂହାର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଭରତ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା ଦାସ ଯୋଗଦେଇ ଛାତ୍ରୀଛାତ୍ର ନିଜ ପ୍ରତିଭା ବଳରେ କ୍ରୀଡ଼ା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିପାରିବେ ବୋଲି ମତ ରଖିଥିଲେ। ବିଦ୍ୟାଳୟ ପରିଚାଳନା ସଭାପତି କାଦମ୍ବିନୀ ଜେନା, ଉପସଭାପତି ହରିଷ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ବିଦ୍ୟାଳୟର ମୋଟ୍ ୨୦୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮୭ ଛାତ୍ରୀଛାତ୍ର ୭ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଆଶାଲତା ସାମଲ, କର୍ଣ୍ଣ କୁମାର ଜେନା, ଗିରିବାଳା ସାହୁ, ଶ୍ୟାମସୁନ୍ଦର ଭୋଇ, ଶୁଭେନ୍ଦୁ ଦାସ, ସ୍ୱର୍ଣ୍ଣଲତା ଦାସ, ଦେବାଂଶୁ ଶେଖର ନାୟକ, ପ୍ରୀତିରଞ୍ଜନ ମଲିକ, ତପନ କୁମାର ଘଡ଼ାଇ ଓ ଦେବେନ୍ଦ୍ର କୁମାର କଣ୍ଡଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଲୁକ୍କାୟିତ ପ୍ରତିଭାକୁ ଆଲୋକିତ କରୁଛି ମହୋତ୍ସବ ମଞ୍ଚ



ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ରସୁଲପୁର,୨୧।୧୨(ଡି.ଏନ.ଏ.):

### ୧୫ତମ କୁଆଖିଆ ମହୋତ୍ସବ ଉଦ୍‌ଘାଟିତ

ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ମେଲଣ ପଡ଼ିଆରେ ବୁଧବାର ସନ୍ଧ୍ୟାରେ ୧୫ତମ କୁଆଖିଆ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ କୋରେଇ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟବକ୍ତା ଭାବେ ରସୁଲପୁର ବିଡିଓ ଅବନିକାନ୍ତ ସାହୁ, ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷ ତଥା କୁଆଖିଆ ମହୋତ୍ସବ କମିଟି ସମ୍ପାଦକ ଅରୁଣ କୁମାର ରାଉତ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, କୁଆଖିଆ ଥାନା ଅଧିକାରୀ ଶିବଚରଣ ବେହେରା ଓ ଲକ୍ଷ୍ମୀନାରାୟଣ ପୂଜା କମିଟି ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

ଏହି ଅବସରରେ ଅତିଥିମାନେ କହିଥିଲେ, ମହୋତ୍ସବ ମଞ୍ଚ ଗ୍ରାମାଞ୍ଚଳର ପାରମ୍ପାରିକ ଲୋକକଳାକୁ ପ୍ରୋତ୍ସାହିତ କରିବା ସହ ଗାଁ ଗହଳିର ଲୁକାୟିତ ପ୍ରତିଭାକୁ ଆଲୋକିତ କରୁଛି। ମଞ୍ଚ ଜରିଆରେ ପ୍ରତିଭାଙ୍କୁ ଚିହ୍ନଟ କରିବା ସହ କଳାକାରଙ୍କୁ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରୁଛି। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ବଞ୍ଚି ରହିଥିବା ମଞ୍ଚରେ ଲୋକକଳାକୁ ଏକତ୍ରିତ କରିବାର ସୁଯୋଗ ସୃଷ୍ଟି କରୁଛି। ଆୟୋଜକଙ୍କ ଉଦ୍ୟମ ଓ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ କୁଆଖିଆ ଭଳି ଏକ ଗ୍ରାମାଞ୍ଚଳ ବଜାରରେ ମହୋତ୍ସବର ସ୍ୱପ୍ନ ସକାର ହୋଇପାରିଛି। ଏହି ଅନୁଷ୍ଠାନ ଦୀର୍ଘାୟୁ ହେବାକୁ ଅତିଥିମାନେ କାମନା କରିବା ସହ ମହୋତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଶାସନ ଓ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ସାମାଜିକ କର୍ମୀ କାଳନ୍ଦୀ ଚରଣ କଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ବେଆଇନ ମାଟି ଚାଲାଣ: ୪ ହାଇୱା, ଜେସିବି ଜବତ

ଚଣ୍ଡିଖୋଲ,୨୧।୧୨(ଡି.ଏନ୍.ଏ.):

ଦର୍ପଣ ତହସିଲ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର ଉପୁଳା ମୌଜାରୁ ବେଆଇନ୍ ମାଟି ଉଠାଣ ନେଇ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବା ପରେ ବୈରୀ ପୋଲିସ ମାଟି ଖନନ କରୁଥିବା ଏକ ଜେସିବି ମେଶିନ ଓ ୪ଟି ହାଇୱାକୁ ଜବତ କରି ଥାନାକୁ ଆଣିଛି। ଅନ୍ୟପକ୍ଷରେ ମାଟି ଉଠାଣକୁ ବିରୋଧ କରିବାରୁ ସ୍ଥାନୀୟ ଜଣେ ଯୁବକ ପକେଟରୁ ଏକ ବନ୍ଧୁକ ବାହାର କରି ୨ ସରପଞ୍ଚଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଏକ ଗ୍ରାମ୍ୟ ପୋଖରୀ ଖୋଳିବା ପାଇଁ ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶନାମା ଦିଆଯାଇଥିଲା। ସରୋବର ଯୋଜନାରେ ମେଶିନରେ ମାଟି ଖୋଳିବାକୁ ନିୟମ ନ ଥିଲା ବେଳେ ଏଠାରେ ମେଶିନ ପକାଇ ମାଟି ଖୋଳି ଏହାକୁ ରେଲୱେ ଠିକାଦାରଙ୍କୁ ବିକ୍ରି କରାଯାଉଥିଲା। ଏନେଇ ଦର୍ପଣ ତହସିଲଦାର ସୁଭଦର୍ଶନ ମିଶ୍ରଙ୍କୁ ସ୍ଥାନୀୟ ଲୋକେ ଅବଗତ କରିଥିଲେ ମଧ୍ୟ ସେ ସେଠାକୁ ଆସି ନ ଥିଲେ କିମ୍ବା କାର୍ଯ୍ୟକୁ ବନ୍ଦ କରି ନ ଥିଲେ। ପରେ ବନ୍ତଳା ସରପଞ୍ଚ ସମୀର ରାଉତ ଓ କାଇମାଟିଆ ସରପଞ୍ଚଙ୍କ ପ୍ରତିନିଧି ଅଶୋକ ନାୟକ ପହଞ୍ଚି ମାଟି ଖୋଳାକୁ ବନ୍ଦ କରିଥିଲେ। ସରୋବର ଯୋଜନା ଅନୁଯାୟୀ ଯେଉଁଠି ମାଟି ଖୋଳା ହେବ ସେଇଠି ପଡ଼ିବ । ତେବେ ଏଠାରେ ମେଶନ ଲଗାଇ ମାଟି ଖୋଳା ଯାଇ କାହିଁକି ବାହାରକୁ ଚାଲାଣ କରାଯାଉଛି। ଏଥିନେଇ ସେମାନେ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ତାଙ୍କ ପଛେପଛେ ଭାଜପା ନେତା ଅମର ନାୟକ ପହଞ୍ଚିବା ସହିତ ଗ୍ରାମର ଲୋକମାନେ ରୁଣ୍ଡ ହୋଇଥିଲେ। ଏହି ସମରେ ସ୍ଥାନୀୟ ଜଣେ ଯୁବକ ପକେଟରୁ ଏକ ବନ୍ଧୁକ ବାହାର କରି ଉଭୟ ସରପଞ୍ଚଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ସରପଞ୍ଚ ସମୀର ରାଉତ ଓ ଅଶୋକ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୪୫/୨୨ରେ ଏକ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ମେଶିନ ଓ ୪ଟି ଟ୍ରକକୁ ଜବତ କରାଯାଇଛି।

### ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଲେ ଯୁବକ

# ରିହାତି ମୂଲ୍ୟରେ ମିଳିବ ବହି

ଯାଜପୁର ଟାଉନ,୨୧।୧୨(ଡି.ଏନ.ଏ.):

### ରାଜ୍ୟସ୍ତରୀୟ ପୁସ୍ତକମେଳା ପାଇଁ ପ୍ରଶାସନର ଖବରଦାତା ସମ୍ମିଳନୀ

ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳା ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତା କ୍ରମେ ଏକ ଖବରଦାତା ସମ୍ମିଳନୀ ଜିଲାପରିଷଦ ସମ୍ମିଳନୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆୟୋଜନ ତଥା ଅନନ୍ୟା ସାହିତ୍ୟ ସଂସଦର ଆନୁକୂଲ୍ୟରେ ଡିସେମ୍ବର ୨୩ରୁ ୩୦ତାରିଖି ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ବାଳାଶ୍ରମ ପଡିଆଠାରେ ଏହି ପୁସ୍ତକମେଳା ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହେବାକୁ ଥିବା ମେଳାରେ ପ୍ରତି ସନ୍ଧ୍ୟାରେ ସଭା, କବି ସମ୍ମିଳନୀ, କବିତା ପାଠୋତ୍ସବ, ବ୍ୟଙ୍ଗ ସମ୍ମିଳନୀ, ନୃତ୍ୟ ସଂଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ମଧ୍ୟ ମଞ୍ଚସ୍ଥ କରାଯିବ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଏଠାରେ ପୁରସ୍କୃତ କରାଯିବାକୁ ବ୍ୟବସ୍ଥା ରହିଥିବା ବେଳେ ୧୦୦ଟି ଷ୍ଟଲ ଖୋଲିବ ବୋଲି ଅତିରିକ୍ତ ଜିଲାପାଳ ମଲ୍ଲିକ ସୂଚନା ଦେଇଛନ୍ତି।

ଚଳିତବର୍ଷ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶନୀ ସଂସ୍ଥା କଲ୍ୟାଣୀ, ଏକେ ମିଶ୍ର, ଅକ୍ସଫୋର୍ଡ, ଭିକେ ପବ୍ଲିକେସନ, ଚିତ୍ରୋତ୍ପଳା, ଲାର୍କ, କାହାଣୀ, ସାଇରାମ, ସୂର୍ଯ୍ୟନାରାୟଣ ଇତ୍ୟାଦି ଯୋଗଦେବେ। ସମସ୍ତ ପ୍ରକାଶନୀ ସଂସ୍ଥା ରିହାତି ମୂଲ୍ୟରେ ପୁସ୍ତକ ବିକ୍ରୟ କରିବେ ବୋଲି ଅନନ୍ୟାର ସଭାପତି ସନ୍ତୋଷ କୁମାର ନନ୍ଦ ସୂଚନା ଦେଇଛନ୍ତି। ମେଳାରେ ମଧ୍ୟ ଓଡିଶାର ବିଭିନ୍ନ ପାରମ୍ପାରିକ ଓ ସ୍ଥାନୀୟ ଖାଦ୍ୟ ଗୁଡିକର ଷ୍ଟଲ, ସୌଖିନ ସାମଗ୍ରୀ, ଆୟୁର୍ବେଦୀୟ ଔଷଧାଦି, ହସ୍ତଶିଳ୍ପ ଇତ୍ୟାଦିର ଷ୍ଟଲ ଗୁଡିକ ଖୋଲାଯିବ। ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଅନନ୍ୟା ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ. ବିନୋଦ ଚନ୍ଦ୍ର ନାୟକ, ସଂଗଠନର ସମ୍ପାଦକ ହୃଷୀକେଶ ପତି, ଅନନ୍ୟାର ମିଡିଆ ସଂଯୋଜକ ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଉନ୍ନତୀକରଣ କାର୍ଯ୍ୟ ଆରମ୍ଭରୁ ଲୁଟ୍

### ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଦଶରଥପୁର,୨୧।୧୨(ଡି.ଏନ୍.ଏ.):



ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରେ ଥିବା ପୁରୁଣା କୋଠା ଭଙ୍ଗା ଯାଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ କରାଯାଉଛି। ଏଥିପାଇଁ ସରକାର ୮ କୋଟି ୪୭ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଏବେଠାରୁ ଲୁଟ୍ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଗତ ଶନିବାରଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା ଗୃହ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରଟି ୨୦ ନଂ. ଜାତୀୟ ରାଜପଥ ମୁଖ୍ୟ ରାସ୍ତା କଡ଼ରେ ହୋଇଥିବାବେଳେ ସଡ଼କର ଉନ୍ନତୀକରଣ ପରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଅନ୍ୟୁନ ୩ ଫୁଟ ତଳେ ରହିଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ପ୍ରତିବର୍ଷ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ଓ ମାଟିପକାଇ ମୁଖ୍ୟ ରାସ୍ତାସହ ମିଶାଇବା ପାଇଁ ରୋଗୀ କଲ୍ୟାଣ ସମିତି(ଆର୍‌କେଏସ୍) ଅର୍ଥକୁ ପାଣିପରି ଖର୍ଚ୍ଚ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ୍ୟ ରାସ୍ତା ସହ ସମାନ କରିବାଲାଗି ପ୍ରତ୍ୟେକ ବର୍ଷ ବିଲ କରାଯାଉଥିବାବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା ଗୃହଗୁଡିକ ଭଙ୍ଗାଯାଉଛି। ତେଣୁ ଏଠାରୁ ବାହାରୁଥିବା ଭଙ୍ଗାଇଟା, ଢଲାଇ ଏବଂ ଛାତ ପିଲାରରୁ ବାହାରୁଥିବା ଲୁହା ରଡ୍‌କୁ ବାହାରେ ବିକ୍ରି କରାଯାଉଛି। ଫଳରେ ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ନିକଟବର୍ତ୍ତୀ ଥାଲକୁଡି ଓ ମଙ୍ଗଳପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ଏଠାରୁ ବହାରୁଥିବା ସାମଗ୍ରୀକୁ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ କାର୍ଯ୍ୟରେ ବିନିଯୋଗ କରିବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପକରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିନ୍ଦୁସାଗର ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଯେଉଁ ଘର ଭଙ୍ଗାଯାଉଛି ସେସବୁ ମାଟେରିଆଲ୍‌ରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପୋତିଲେ ପରମୂହୁର୍ତ୍ତରେ ଗାର୍ଡେନ କରିହେବ ନାହିଁ। ତେଣୁ ଆମେ ସେସବୁ ଜିନିଷରେ ପୋତିବାକୁ ଚାହୁଁ ନ ଥିବା ସେ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସିବାଶିଷ ମହାରଣା କହିଛନ୍ତି, ଠିକାଦାର କେବଳ ନୂତନ ଗୃହ ନିର୍ମାଣ କରିପାରିବେ। ପୁରୁଣା ଗୃହ ଭାଙ୍ଗିବାଲାଗି ସରକାରଙ୍କ ପକ୍ଷରୁ ଏବାବଦ ଅନ୍ୟ ପ୍ରୋତ୍ସାହନ ରାଶି ଆଲର୍ଟମେଣ୍ଟ କରାଯାଇଛି। ତେଣୁ ସେ ନିଜେ ଘଟଣାର ତଦନ୍ତ କରିବେ। ଏଥିସହ ଚାଲିଥିବା କାର୍ଯ୍ୟର ଡିପାର୍ଟମେଣ୍ଟ ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ସମ୍ପୃକ୍ତ ଠିକା ସଂସ୍ଥାର ପ୍ରତିକ୍ରିୟା ମିଳି ପାରିନାହିଁ।

ସୂଚନାଯୋଗ୍ୟ, ୬୦ ବର୍ଷରୁ ଉର୍ଦ୍ଧ୍ୱ ଏହି ସ୍ୱାସ୍ୟକେନ୍ଦ୍ର ଉପରେ ବର୍ତ୍ତମାନ ପର୍ଯ୍ୟାୟରେ ଯାଜପୁର ଜିଲାବାସୀଙ୍କୁ ଛାଡି ନିକଟବର୍ତ୍ତୀ କେନ୍ଦ୍ରାପଡ଼ା ଓ ଭଦ୍ରକ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ରିପୋର୍ଟ ଅନୁଯାୟୀ ଯାଜପୁର ସମେତ ଭଦ୍ରକ ଓ କେନ୍ଦ୍ରାପଡ଼ା ଆଦି ଜିଲାର ଦୈନିକ ୫୦୦ରୁ ଉର୍ଦ୍ଧ୍ୱ ରୋଗୀ ଏଠାକୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଏହାର ଉନ୍ନତୀକରଣ କରିବାକୁ ଯୋଜନା କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କଲେ ମିଳୁନି ଅର୍ଥ

- ବିରିଡ଼ି ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ
- ମଙ୍ଗୁଲି, ବାରଡ଼ିଆ ପଞ୍ଚାୟତରେ ଏମ୍‌ବିକେ ହୋଇନାହାନ୍ତି ନିଯୁକ୍ତ

ବିରିଡି,୨୧।୧୨ (ଡି.ଏନ.ଏ.)



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବିରିଡି ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷା ମମତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ବିଡିଓ ହେମନ୍ତ କୁମାର ମହାନ୍ତ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ର ଶେଖର ଦାଶ, ତହସିଲଦାର ସହଦେବ ସାହୁ, ଆତ୍ମାର ଅଧ୍ୟକ୍ଷ ପ୍ରତାପ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ରାୟ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ବିରିଡିବ୍ଲକ ମଙ୍ଗିଣ୍ଡିପୁର ୟୁଜିଏମ୍‌ଇ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ ପଲକ ପ୍ରିୟଦର୍ଶିନୀ ବେହେରା ଚଳିତବର୍ଷ ବିଜ୍ଞାନ ମେଳାରେ ପ୍ରଦର୍ଶିତ କୃଷି ସମ୍ପର୍କିତ ପ୍ରକଳ୍ପ ରାଜ୍ୟସ୍ତରରେ ମନୋନୀତ ହୋଇ ଜାତୀୟ ସ୍ତର ଗୁଜରାଟର ଅହମଦାବାଦଠାରେ ହେଉଥିବା ସାଇନ୍ସ ସିଟିରେ ଯୋଗ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରୀ ବେହେରାଙ୍କୁ ସମିତି ପକ୍ଷରୁ ୨ ହଜାର ଟଙ୍କା, ସାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏଜେଣ୍ଡା ଅନୁସାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ଏପ୍ରିଲ ୨୦୨୨ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ଏହି ବିଭାଗରେ ମୋଟ ୨ ଲକ୍ଷ ୧୫୦୩୦ ଟଙ୍କା ଖର୍ଚ୍ଚ ପାଇଁ ଲକ୍ଷ୍ୟ ରଖା ଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୪୩,୪୭୩ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଏସିପି ରଶ୍ମିତା ସାହୁ କହିଥିଲେ। ଶଙ୍ଖପୁର ସମିତି ସଭ୍ୟ ରଶ୍ମି ରଞ୍ଜନ ବେହେରା ଅଭିଯୋଗ କରିଥିଲେ, ପଞ୍ଚାୟତରେ ଏହି ଯୋଜନାରେ କାମ ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ଅର୍ଥ ମିଳୁନାହିଁ। ବ୍ଲକରେ କର୍ମଚାରୀମାନେ ଲାଞ୍ଚ ମାଗୁଛନ୍ତି, ନ ଦେଲେ କାମ ହେଉନି ବୋଲି ଅଭିଯୋଗ କରିଥିଲେ। ସରପଞ୍ଚ ଯୁଧିଷ୍ଠିର ବେହେରା ଓ ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ ଅମୃତ ସରୋବର ଯନ୍ତ୍ରୀମାନେ ଠିକ୍ ଭାବେ ଆକଳନ କରୁ ନ ଥିବାରୁ ଲୋକେ ହଇରାଣ ହେଉଥିବା କହିଥିଲେ। ଏ ସମ୍ବନ୍ଧରେ କନିଷ୍ଠ ଯନ୍ତ୍ରୀ ଠିକ୍ ଉତ୍ତର ରଖିପାରିଲେ ନାହିଁ। ଯେଉଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲାଇନ ଡିପାର୍ଟମେଣ୍ଟ କରୁଛନ୍ତି ଜନ ପ୍ରତିନିଧି ଜାଣି ପାରୁନାହାନ୍ତି ବୋଲି ସରପଞ୍ଚ ବେହେରା ଅଭିଯୋଗ କରିଥିଲେ। ବୈଠକରେ ବିଦ୍ୟୁତ୍ ବିଭାଗର କୌଣସି କର୍ମଚାରୀ ନ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ମଙ୍ଗୁଲି ସରପଞ୍ଚ ନିରଞ୍ଜନ ସେଠୀ ତାଙ୍କ ପଞ୍ଚାୟତରେ ଓଏଲଏମ୍ ପକ୍ଷରୁ ଏମ୍‌ବିକେ ପରୀକ୍ଷାରେ ପାସ୍ କରିଥିବା ମହିଳାଙ୍କୁ ୨୦ ମାସ ହେବ ନିଯୁକ୍ତି ଦିଆ ନ ଯିବାରୁ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଦାସ ସମ୍ପୃକ୍ତ ଓଏଲ୍‌ଏମ୍‌ର ବିପିଏମ୍ ସସ୍ମିତା ବେହେରାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। କାରଣ ଏହି ୨ ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନେ କୌଣସି ସରକାରୀ ସୁବିଧା ପାଉନାହାନ୍ତି ବୋଲି ସରପଞ୍ଚ ସେଠୀ କହିଥିଲେ। ତେବେ ଅନୁରୂପ ଅଭିଯୋଗ ବାରଡିଆ ସରପଞ୍ଚ ମଧ୍ୟ ଗୃହରେ ଉତ୍ଥାପନ କରିଥିଲେ। ତୁରନ୍ତ ୭ ଦିନ ଭିତରେ ଏମ୍‌ବିକେ ନିଯୁକ୍ତି ଦେବାକୁ ବିପିଏମ୍ ବେହେରାଙ୍କୁ ବିଧାୟକ ଦାସ ତାଗିଦ୍ କରିଥିଲେ। ସେହିପରି ମହିଳା ଶିଶୁ ବିକାଶ ଯୋଜନା ଅଧିକାରିଣୀ ନଳିନୀ ବେହେରା ତାଙ୍କ ବିଭାଗର କାର୍ଯ୍ୟ କରି ହେଉନି ବୋଲି ଗୃହକୁ ସୂଚନା ଦେଇଥିଲେ। ବୈଠକରେ ନିଷ୍ପତ୍ତି ହୋଇଥିବା ବ୍ଲକରେ ଦୈନିକ ଗସ୍ତ ବିବରଣୀ ବୋର୍ଡ ଲଗାଯାଇ ନ ଥିବାରୁ ବିଧାୟକ ଦାସ ବିଡିଓଙ୍କୁ ତାଗିଦ କରିଥିଲେ। ବ୍ଲକ ଭିଏଏସ୍ ଡା. ମନୋରଞ୍ଜନ ନନ୍ଦ ଭିଏଏସ୍ ସେଣ୍ଟରରେ ବସିବାକୁ, ଔଷଧ ରଖିବା ଓ ଗୋରୁଙ୍କୁ ଚିକିତ୍ସା କରିବାକୁ ଘର ଠିକ୍ ନାହିଁ ତେଣୁ ସମିତି ପକ୍ଷରୁ ଗୃହ ନିର୍ମାଣ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟ ଜଳ ଓ ପରିମଳ ଉପରେ କେତେଜଣ ଜନ ପ୍ରତିନିଧି ଅଭିଯୋଗ କରିଥିଲେ। ସହକାରୀ ଯନ୍ତ୍ରୀ ସ୍ୱାଗତିକା ସ୍ୱାଇଁ ଠିକ୍ ଉତ୍ତର ଦେଇ ପାରି ନ ଥିଲେ।

## ଉଦ୍ୟୋଗ ପାଇଁ ବାଧକ ସାଜୁଛି ଜମି ଅଧିଗ୍ରହଣ



ବୈଠକରେ ଜିଲାପାଳ ପାରୁଲି ପଟ୍ଟୱାରୀ ଓ ଅନ୍ୟ ଅଧିକାରୀମାନେ।

ପାରାଦୀପ,୨୧।୧୨(ସ୍ୱ.ପ୍ର.)

### ଆର୍‌ବିଆଇ ପକ୍ଷରୁ ଟାଉନହଲ୍‌ରେ ବୈଠକ

ପାରାଦୀପ ନୂଆବଜାରସ୍ଥ ଏମ୍ପାୟର୍ସ ହୋଟେଲରେ ବୁଧବାର ଆରବିଆଇ (ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ) ପକ୍ଷରୁ ଉଦ୍ୟୋଗ ସମ୍ବନ୍ଧୀୟ ବୈଠକ ଟାଉନହଲ୍‌ରେ ଅନୁଷ୍ଠିତ ହୋଇଛି। ଏଥିରେ ସୁକ୍ଷ୍ମ, ଲଘୁ, ଓ ମଧ୍ୟମ ଉଦ୍ୟୋଗ ପାଇଁ ଯେଉଁଭଳି ସମସ୍ୟା ରହିଛି ତା'ର ନିରାକରଣ ନିମନ୍ତେ ବୈଠକ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାର କ୍ଷୁଦ୍ର ଉଦ୍ୟୋଗୀମାନେ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ମୀନା କୁମାରୀ ବେହେରା, ଆରବିଆଇ ଜେନେରାଲ ମ୍ୟାନେଜର ଡି. ପି. ପଣ୍ଡା, ଏଜିଏମ୍ ଶିବପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ, ଡିଆଇସି ଆଦି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜଗତସିଂହପୁର ଜିଲାରେ ଲଙ୍କା ଉତ୍ପାଦନ ଅଧିକ ହୁଏ। ସେହି ଚାଷୀଙ୍କ ପାଇଁ ଉଦ୍ୟୋଗ କରିବା ପାଇଁ ଜଣେ ଉଦ୍ୟୋଗୀ ପ୍ରସ୍ତାବ ଦେଇଥିଲେ। ସେହିପରି ଓଡ଼ିଶାର ୪୮୦କିମି ସମୁଦ୍ର ରହିଛି। ଏଠାରେ ଲୁଣ ଚାଷ ହେଉନାହିଁ। ଆମେ ଗୁଜରାଟ ଲୁଣ ଖାଉଛୁ। ସେଭଳି ଉଦ୍ୟୋଗ ପାଇଁ ଜଣେ ଉଦ୍ୟୋଗୀ ଭଗବାନ ପରିଡା ପ୍ରସ୍ତାବ ଦେଇଥିଲେ। ସେହିପରି ପ୍ଲାଷ୍ଟିକ ପାର୍କରେ ଉଦ୍ୟୋଗ କରିବା ପାଇଁ ଅନେକ ଆଶାୟୀ ଅଛନ୍ତି। ସେମାନଙ୍କୁ ଜମି ଅଧିଗ୍ରହଣ ସମସ୍ୟା ରହିଛି। ଅନେକ ଛୋଟ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ଅନେକ ହଇରାଣ କରୁଛନ୍ତି ବୋଲି ଗୀତାଞ୍ଜଳି ତରାଇ ନାମକ ଆଶାୟୀ ଅଭିଯୋଗ କରିଥିଲେ। ଏହାକୁ ସରଳୀକରଣ କରିବାକୁ ସରକାର ଏବେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଆପଣମାନେ ଅନ୍‌ଲାଇନ ଯୋଗେ ଆବେଦନ କରିବା ପାଇଁ ସହକାରୀ ନିର୍ଦ୍ଦେଶକ ବେହେରା କହିଥିଲେ।

## ଏରସମା-ଜିରାଇଲୋ ରାସ୍ତା ବିବାଦ ଉପରେ ଜନଶୁଣାଣି

ଏରସମା,୨୧।୧୨(ସ୍ୱ.ପ୍ର.): ରସମା ବ୍ଲକ ଜିରାଇଲୋ ରାସ୍ତା ବିବାଦର ସମାଧାନ ପାଇଁ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଡେପୁଟି କଲେକ୍ଟର ଚିତ୍ତ ରଞ୍ଜନ ପିଲ୍ଲା, ଏସ୍‌ଇ ନିମାଇଁ ଚରଣ ଦାସ, ତହସିଲଦାର ନବ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ହୋଇ ଚାଷୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। କୃଷ୍ଣଚନ୍ଦ୍ର ବେହେରା, ବିଜୟ ବେହେରା, ବଂଶୀଧର ସ୍ୱାଇଁ, ପ୍ରହ୍ଲାଦ ଚନ୍ଦ୍ର ସାହୁ ପ୍ରମୁଖ ୩୪ ଜଣ ଚାଷୀ ଉପସ୍ଥିତ ହୋଇ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଏରସମାରୁ ଜିରାଇଲୋ ପଞ୍ଚାୟତକୁ ସଂଯୋଗ କରିଥିବା ରାସ୍ତାଟି ବ୍ୟକ୍ତିଗତ ଜମିରେ ନିର୍ମାଣ କରାଯାଇଛି। ଗତ ୩ବର୍ଷ ହେଲା ସମ୍ପୃକ୍ତ ଚାଷୀ କ୍ଷତିପୂରଣ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରି ଆସୁଥିଲେ। କ୍ଷତିପୂରଣ ମିଳି ନ ଥିବାରୁ ସେମାନେ ରାସ୍ତା ପୁନରୁଦ୍ଧାରକୁ ବିରୋଧ କରୁଥିଲେ। ଫଳରେ ସମ୍ପୃକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଜିରାଇଲୋ, ଆମ୍ବିକି, ଏରସମା, ପଦ୍ମପୁର ପ୍ରଭୃତି ପଞ୍ଚାୟତବାସୀ ଯାତାୟାତରେ ଅସୁବିଧା ଭୋଗ କରୁଥିଲେ। ଏ ସମ୍ପର୍କରେ ତହସିଲଦାର ନାୟକଙ୍କୁ ପଚାରିବାରୁ ଚାଷୀଙ୍କ ଦାବିକୁ ସମାଧାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥର ରାସ୍ତା ପୁନରୁଦ୍ଧାର ହୋଇପାରିବ ବୋଲି ସେ କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଙ୍ଗନୱାଡି ସଂଘର ଦାବିପତ୍ର

ନାଉଗାଁ,୨୧।୧୨(ସ୍ୱ.ପ୍ର.)



ନାଉଗାଁରେ ଅଙ୍ଗନୱାଡି କର୍ମୀ, ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନାଉଗାଁ ବ୍ଲକ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବୁଧବାର ୮ ଦଫା ଦାବି ନେଇ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସଭାନେତ୍ରୀ ସସ୍ମିତା ବିଶ୍ୱାଳ ଓ ସମ୍ପାଦିକା ପାର୍ବତୀ ଦାସଙ୍କ ନେତୃତ୍ୱରେ କର୍ମୀ ଓ ସହାୟିକାମାନେ ନାଉଗାଁ ବଜାରସ୍ଥିତ ହନୁମାନ ଛକରୁ ଶୋଭାଯାତ୍ରାରେ ଆସି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ସିଡିପିଓ ବାସନ୍ତୀ ମାଇନ୍‌ଙ୍କୁ ପ୍ରଦାନ କରିଥିଲେ। ଦାବିପୂରଣ ନ ହେବା ଯାଏ ଜୀବନ ଜୀବିକା ଲାଗି ଅଙ୍ଗନୱାଡି କର୍ମମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଦାବି ମଧ୍ୟରେ ୬ ଜଣ ବହିଷ୍କୃତ ହୋଇଥିବା ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ଘୋଷାଣ କରାଯାଇନାହିଁ ସେ ପର୍ଯ୍ୟନ୍ତ ୧୮ ହଜାର ଅଙ୍ଗନଓଡି କର୍ମୀ ଓ ୯ ହଜାର ଟଙ୍କା ସହାୟିକାଙ୍କୁ ଦରମା ପ୍ରଦାନ, ମିନି ଅଙ୍ଗନୱାଡି ଉଚ୍ଛେଦ, ଅଙ୍ଗନୱାଡି ଓ ସହାୟିକାଙ୍କୁ ଅବସର ପରେ ୫ ଲକ୍ଷ ଟଙ୍କା ସହାୟତା ଓ ମାସିକ ୫ ହଜାର ଟଙ୍କା ପେନ୍‌ସନ ପ୍ରଦାନ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଓ ପରିବାରରୁ ଜଣକୁ ଚାକିରି, ନୂତନ ଶିକ୍ଷାନୀତି ଅନୁଯାୟୀ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ କର୍ମୀଙ୍କୁ ପ୍ରି-ପ୍ରାଇମେରୀ ଶିକ୍ଷୟିତ୍ରୀର ମାନ୍ୟତା ଦିଆଯାଉ ଆଦି ଦାବି ରହିଛି। ଏଥିରେ ସଦସ୍ୟା ଶକ୍ତିବାଳା ରାଉତ, ପ୍ରମିଳା ମିଶ୍ର, ସୁଚିତ୍ରା ଲେଙ୍କା, ସ୍ୱର୍ଣ୍ଣପ୍ରଭା ସାହୁ, ନିବେଦିତା ରାଉତ, ସାବିତ୍ରୀ ଜେନା, ଆଶାଲତା ଦାସ, ବିନତୀ ରଥ, ମଞ୍ଜୁଲତା ପରିଡା, ଶାନ୍ତିଲତା ସେଠୀ, ମେନକା ନାୟକ, ଗଙ୍ଗା ପଲେଇ, ନମିତା ଦାସ, ବବିତା ପଟ୍ଟନାୟକଙ୍କ ସମେତ ୭୯ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକା ସାମିଲ ଥିଲେ।

## କୃଷକ ନେତାଙ୍କ ପରଲୋକରେ ସ୍ମୃତିସଭା

କୁଜଙ୍ଗ,୨୧।୧୨ (ଡି.ଏନ.ଏ.)

କୁଜଙ୍ଗର ଜଣାଶୁଣା କୃଷକ ନେତା ଗୋପାଳ ଚରଣ ଦାସଙ୍କ ଦ୍ୱାଦଶ ତିଥିରେ ବୁଧବାର ତାଙ୍କ ବଳରାମପୁରସ୍ଥିତ ବାସଭବନରେ ନବ ନିର୍ମାଣ କୃଷକ ସଙ୍ଗଠନ ଓ ସାରସ୍ୱତ ସଙ୍ଗଠନର ମିଳିତ ଉଦ୍ୟମରେ ସ୍ମୃତିସଭା ହୋଇଥିଲା। ଶିକ୍ଷାବିତ୍ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ ଓ ମୁଖ୍ୟବକ୍ତା ଭାବେ ରାଜନେତା ତଥା ପରଦାର ସମ୍ପାଦକ ସରୋଜ ପଟ୍ଟନାୟକ ଯୋଗଦେଇ ଗୋପାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଜୟ ଖଟାଇ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଗଙ୍ଗାଧର ସାମନ୍ତରାୟ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ତଥା କବି ନବୀନ ପ୍ରଧାନ, ରାଜକିଶୋର ନାଥ, କବୟିତ୍ରୀ ଜୟନ୍ତୀ ଦାସ, ସସ୍ମିତା ଦାସ ଓ ସଙ୍ଗଠନର ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା ପ୍ରମୁଖ ଯୋଗଦେଇଥିଲେ।

## ନାବାର୍ଡ ଡିଜିଏମ୍‌ଙ୍କ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ


ନାର୍ବାଡ ଡିଜିଏମ୍ କମଳ ପଟ୍ଟନାୟକ ଓ ଅନ୍ୟମାନେ।

ବିରିଡି,୨୧।୧୨(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ନାବାର୍ଡ ଡିଜିଏମ୍ କମଳ ପଟ୍ଟନାୟକ ମଙ୍ଗଳବାର ସନ୍ଧ୍ୟାରେ ବିରିଡି ବ୍ଲକ ମଙ୍ଗୁଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କରିଥିଲେ। ସେ ପହଞ୍ଚିବାରେ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର, ଗୁରୁଜୀଗୁରୁମା' ସମ୍ପାଦକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସ୍ୱପ୍ନାବିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଟ୍ଟନାୟକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଗୟାଧର ମହାନ୍ତି, ଗୁରୁଜୀ ଉମେଶ କୁମାର ମହାନ୍ତି ଯୋଗ ଦେଇଥିଲେ। ଡିଜିଏମ୍ ପଟ୍ଟନାୟକ ଗ୍ରାମାଞ୍ଚଳରେ ଏଭଳି ବିଦ୍ୟାଳୟ ପିଲାମାନଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ। କାରଣ ଏଠାରେ ଶିକ୍ଷା ସହ ବୌଦ୍ଧିକ ଓ ଆଧାତ୍ମିକ ଶିକ୍ଷା ପିଲାଙ୍କୁ ଦିଆଯାଏ। ଫଳରେ ପିଲାମାନେ ଦେଶରେ ଏକ ଉତ୍ତମ ନାଗରିକ ଭାବେ ଗଢି ହୁଅନ୍ତି। ସମ୍ପାଦକ ମହାନ୍ତି ୨୨ ମୌଜା ଦ୍ୱୀପାଞ୍ଚଳକୁ ଘେରି ରହିଥିବା ବିଲୁଆଖାଇ ଓ ଦେବୀ ନଦୀ ବନ୍ଧକୁ ସୁଦୃଢ କରିବାକୁ ଡିଜିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାରଣ ଏହି ନଦୀ ଦୁଇଟି ୨୨ ମୌଜାର ଦୁଃଖ। ବନ୍ୟା ହେଲେ ଅଞ୍ଚଳବାସୀ ବହୁ ଦଃଖରେ ରୁହନ୍ତି। ଡିଜିଏମ୍ ପଟ୍ଟନାୟକ ନଦୀ ବନ୍ଧର ଦୃଶ୍ୟ ଦେଖି ଏହାର ଉନ୍ନତୀକରଣ ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ। ଶେଷରେ ଉମେଶ ଗୁରୁଜୀ ଧନ୍ୟବାଦ ଦେଇଥିଲେ।

## ଶାରଳା ପୀଠର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ

ତିର୍ତ୍ତୋଲ, ୨୧।୧୨(ଡି.ଏନ.ଏ.)


ଜେସିବି ଲଗାଇ କରୁଣା ନିବାସ ଓ ଯାତ୍ରୀ ନିବାସକୁ ଭଙ୍ଗାଯାଉଛି।

ଜଗତସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଝଙ୍କଡ ଶାରଳା ପୀଠର ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୪୨ କୋଟି ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ଏହି ଘୋଷଣା ପରେ ପ୍ରଶାସନ ପକ୍ଷରୁ ଶାରଳା ମନ୍ଦିର ଜମିରେ ଥିବା କେତେଗୋଟି ଘର, ଦୋକାନ ଗୃହ, ଧର୍ମଶାଳା ଇତ୍ୟାଦି ଉଚ୍ଛେଦ ଲାଗି ସ୍ଥିର ହୋଇଥିଲା। ବିଭିନ୍ନ ଅସ୍ଥାୟୀ ଦୋକାନ ଓ ଗୃହଗୁଡ଼ିକ ସ୍ୱଇଚ୍ଛାରେ ଭାଙ୍ଗି ଦେବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଥିଲା। କେତେଜଣ ଲୋକ ସ୍ୱଇଚ୍ଛାରେ ସେମାନଙ୍କ ଘର, ଦୋକାନ ଇତ୍ୟାଦି ଭାଙ୍ଗି ଥିଲେ। ଅନେକ ଘର ଭାଙ୍ଗିବାରେ ପ୍ରତିବନ୍ଧକ ଦେଖାଦେଇଥିଲା। ପ୍ରଶାସନ ପକ୍ଷରୁ ପ୍ରଥମେ କରୁଣା ନିବାସ, ଯାତ୍ରୀ ନିବାସ ଉଚ୍ଛେଦ ସହ କୁବେର ପୁତ୍ର ଧର୍ମଶାଳା ସମେତ ଅନ୍ୟ କେତେଗୋଟି ଘର ବୁଧବାର ଉଚ୍ଛେଦ କରାଯାଇଛି। ଅପରାହ୍ନରେ ପ୍ରଶାସନିକ ସ୍ତରରେ ଏହି ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ ସହ ଅନୁଧ୍ୟାନ ଲାଗି ଜିଲାପାଳ ପାରୁଲ ପଟୱାରୀ ଶାରଳା ପୀଠକୁ ଆସିଥିଲେ। ପ୍ରଥମେ ମା' ଶାରଳାଙ୍କ ଦର୍ଶନ କରି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ଦାସ, ତିର୍ତ୍ତୋଲ ତହସିଲଦାର ଅମୁଲ୍ୟ କୁମାର ସାହୁ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି, ଥାନା ଅଧିକାରୀ ମଙ୍ଗଳ କିଶୋର ଦାସ ପ୍ରମୁଖ ଏହି କାର୍ଯ୍ୟ ଅନୁଧ୍ୟାନ ସମୟରେ ଉପସ୍ଥିତ ରହିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ବିରିଡି,୨୧।୧୨(ଡି.ଏନ.ଏ.): ବିରିଡ଼ି ବ୍ଲକ ପୁରଣ ପଞ୍ଚାୟତ ଚାଷୀଖଣ୍ଡ ଗାଁର ଲକ୍ଷ୍ମୀଧର ଦାଶଙ୍କ ଏକ ଘରେ ସୋମବାର ସନ୍ଧ୍ୟାରେ ହଠାତ ନିଆଁ ଲାଗି ଯାଇଥିଲା। ଫଳରେ ତାଙ୍କର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଏହାକୁ ଜାଣିବା ପରେ ୨୨ ମୌଜା ମଙ୍ଗୁଳି ବସୁମାତା ଅନୁଷ୍ଠାନର ସମ୍ପାଦକ ଗୟାଧର ମହାନ୍ତି ମଙ୍ଗଳବାର ରାତିରେ ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରାଙ୍କୁ ସାଙ୍ଗରେ ନେଇ ଅଗ୍ନିବିପନ୍ନ ଦାଶଙ୍କୁ ଏକ ପାଲ, ଚାଉଳ, ଆଳୁ, ଅଟା, ଡେକଚି ଆଦି ସାମଗ୍ରୀ ଦେଇଛନ୍ତି।

## ଶିଶୁ ସୁରକ୍ଷା କ୍ଷେତ୍ରରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରଘୁନାଥପୁର,୨୧।୧୨(ଡି.ଏନ.ଏ.)



ତ୍ରୈମାସିକ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମନେ।

### ବ୍ଲକସ୍ତରୀୟ ଶିଶୁସୁରକ୍ଷା କମିଟି ବୈଠକ

ରଘୁନାଥପୁର ବ୍ଲକ ସଭାକକ୍ଷରେ ଶିଶୁ ସୁରକ୍ଷା କମିଟିର ତ୍ରୈମାସିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ବିଡିଓ ଲମ୍ବୋଦର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା କ୍ଷେତ୍ରରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସରପଞ୍ଚମାନେ ଚାହିଁଲେ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭା, ମାସିକ ବୈଠକ ତଥା ଅନ୍ୟ ଯେକୌଣସି ସଭାସମିତିରେ ଶିଶୁ ସୁରକ୍ଷା ସମ୍ପର୍କରେ ବାର୍ତ୍ତା ରଖି ସାଧାରଣଜନତାଙ୍କୁ ସଚେତନ କରିପାରିବେ ବୋଲି ବିଡିଓ ଖୁଣ୍ଟିଆ ମତ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ସରପଞ୍ଚମାନେ ନିଜର ଇଚ୍ଛାଶକ୍ତିକୁ ଜାଗ୍ରତ କରି ଶିଶୁ ସୁରକ୍ଷା ଭଳି ସାମାଜିକ ଦାୟିତ୍ୱବୋଧ ପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ରଖିଥିଲେ। ସେହିପରି ତୃଣମୂଳ ସ୍ତରରେ ସରପଞ୍ଚମାନେ ଶିଶୁ ଶ୍ରମିକ, ବାଲ୍ୟବିବାହ ଓ କିଶୋରୀ ସଶକ୍ତୀକରଣ ପ୍ରତି ଧ୍ୟାନ ଦେବା ପାଇଁ ଏବିଡିଓ ଅଶୋକ କୁମାର ମହାନ୍ତି କହିଥିଲେ। ସିଡିପିଓ ମଲ୍ଲିକ ତାଙ୍କ ବକ୍ତବ୍ୟରେ ଗର୍ଭସ୍ଥ ଶିଶୁଙ୍କ ଯତ୍ନ, ଶୈଶବ ଶିକ୍ଷା, ପରିବାରରେ ପୁଅ ଓ ଝିଅଙ୍କ ମଧ୍ୟରେ ସମାନତା, ଶିଶୁ ଶ୍ରମିକଙ୍କୁ ବାରଣ, କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟଗତ ସମାସ୍ୟାର ଉପଚାର ପାଇଁ ପ୍ରତ୍ୟେକ ଶନିବାରରେ ଡାକ୍ତରଖାନାରେ ଉପଲବ୍ଧ ହେଉଥିବା ଶ୍ରଦ୍ଧା କ୍ଲିନିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ପାରିବାରିକ ବିଶୃଙ୍ଖଳା ଯୋଗୁ ପିଲାଙ୍କ ଉପରେ ପଡୁଥିବା କୁପ୍ରଭାବ ଓ ଘରେ କିମ୍ବା ବାହାରେ ବାଳିକାଙ୍କ ପ୍ରତି ହେଉଥିବା ଅସଦାଚରଣ ପ୍ରତି ମାତାପିତାମାନେ ଦୃଷ୍ଟିଦେବା ପାଇଁ ସଚେତନତାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସିଡିପିଓ ମଲ୍ଲିକ ମତବ୍ୟକ୍ତ କରିଥିଲେ। ରାଢଙ୍ଗ ସରପଞ୍ଚ ସୁଶୀଳ କୁମାର ବାରିକ ଓ ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ଏ ସମ୍ପର୍କିତ ଆଲୋଚନାରେ ଭାଗ ନେଇଥିଲେ। ପୋଲିସ ବିଭାଗ ପକ୍ଷରୁ ପ୍ରଭାଶ୍ରୀ ସୂତାର, ସ୍ୱାସ୍ଥ୍ୟ ବିଭାଗର ମହେଶ୍ୱର ମଲ୍ଲିକ ଓ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ୯ ମାସ ପରେ ବୈଠକ ହେବାରୁ ଅସନ୍ତୋଷ

କୁଜଙ୍ଗ,୨୧।୧୨(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ବିଧାୟକ ସମ୍ବିତ୍ ରାଉତରାୟ ଓ ଅନ୍ୟମାନେ।

### କୁଜଙ୍ଗ ପଞ୍ଚାୟତ ସମିତି ୨ୟ ବୈଠକ

କୁଜଙ୍ଗ ପଞ୍ଚାୟତ ସମିତିର ୨ୟ ସାଧାରଣ ପରିଷଦ ବୈଠକ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ୩ ମାସ ବ୍ୟବଧାନରେ ବୈଠକ ବସିବାର ନିୟମ ଥିବାବେଳେ ଗତ ଏପ୍ରିଲ ୨୭ରେ ଅନୁଷ୍ଠିତ ପ୍ରଥମ ବୈଠକର ୯ମାସ ବ୍ୟବଧାନ ପରେ ବସୁଥିବାରୁ କେତେଜଣ ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇ ପାରୁ ନ ଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ବନ୍ୟା ଯୋଗୁ ବୈଠକ ବସି ପାରି ନ ଥିବା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସଫେଇ ଦେବାରେ ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ ପ୍ରତିବାଦ ସ୍ୱରୂପ ବନ୍ୟା ଅଗଷ୍ଟରେ ହୋଇଥିଲା। ପରବର୍ତ୍ତୀ ବୈଠକ ଜୁଲାଇ ଅଧାରେ ବସିବା କଥା। ଏକଥା ଶୁଣିବା ପରେ ବିଡିଓ ଆଗାମୀଦିନରେ ଏଭଳି ଭୁଲ୍ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏସବୁର ଠିକ୍ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ, ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଅଭାବ ଓ ମଧ୍ୟାହ୍ନ ଭୋଜନରେ ଅନିୟମିତତା ସମ୍ପର୍କରେ କେତେଜଣ ସଭ୍ୟ ସ୍ପଷ୍ଟୀକରଣ ମାଗିଥିଲେ। ଉପସ୍ଥିତ ଥିବା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଶିକ୍ଷା ଅଧିକାରୀ କହିଥିଲେ, ଆଗାମୀଦିନରେ କେତେକ ଶିକ୍ଷକଙ୍କ ପଦୋନ୍ନତି ହେବାପରେ ଶିକ୍ଷକ ଅଭାବ ସମସ୍ୟା ଦୂର ହେବ। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, କନକପ୍ରଭା ବେହେରା, ଏମ୍‌ପିଙ୍କ ପ୍ରତିନିଧି ସୁଜଳ କୁମାର ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଆଲୋଚନାରେ ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ମହାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ ପ୍ରମୁଖ ଭାଗ ନେଇଥିଲେ। ଉଲ୍ଲେଖଯୋଗ୍ୟ କି, ସମ୍ବିଧାନରେ ସରପଞ୍ଚ ଓ ସମିତିସଭ୍ୟଙ୍କ ପ୍ରତିନିଧି ବୋଲି କିଛି ନ ଥିବାବେଳେ, ବୈଠକରେ କେତେଜଣ ବ୍ୟକ୍ତି ସେମାନଙ୍କ ପ୍ରତିନିଧି କହି ଯୋଗ ଦେଇଥିବାରୁ ବିଡିଓ ସେମାନଙ୍କୁ ପଛରେ ବସିବାକୁ କହିଥିଲେ। ଅନ୍ୟପକ୍ଷେ ବିଶ୍ୱାଳି ସରପଞ୍ଚ ମନୋରମା ମଲ୍ଲ ଶାରିରୀକ ଅସୁସ୍ଥତା ଥିବାରୁ ତାଙ୍କ ପ୍ରତିନିଧି ଭାବେ ସ୍ୱାମୀ ମାନଭଞ୍ଜନ ଯୋଗଦେବେ ବୋଲି ପୂର୍ବରୁ ଲିଖିତ ଆକାରରେ ଜଣାଇଥିବାରୁ ତାଙ୍କୁ ସରପଞ୍ଚଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିବାକୁ ଅନୁମତି ମିଳିଥିଲା ବୋଲି ବିଡିଓ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ବିନା ଟେଣ୍ଡରରେ ଆସୁଛି ନଡ଼ିଆ ଚାରା

■ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ଆନ୍ଧ୍ର ପ୍ରୀତି

■ଫାଟକରେ ପଡୁଛି ତାଲା

**ଛତ୍ରପୁର,୨୧।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ବିନା ଟେଣ୍ଡରରେ ଆନ୍ଧ୍ରପ୍ରଦେଶରୁ ଟ୍ରକ ମାଧମରେ ନଡିଆ ଚାରା ଅଣାଯାଉଥିବା ଅଭିଯୋଗ ହୋଇଛି, ଯାହାକି ଅଧିକାରୀଙ୍କ ଆନ୍ଧ୍ର ପ୍ରୀତି ପଦାରେ ପଡ଼ିଛି। ଆନ୍ଧ୍ରରୁ ନଡ଼ିଆ ଚାରାଗୁଡ଼ିକ ଟ୍ରକ୍ ଯୋଗେ ଅଣାଯାଇ ସହକାରୀ ନିର୍ଦ୍ଦେଶକ କାର୍ଯ୍ୟାଳୟ ପରିସରରେ ନାମକୁ ମାତ୍ର ଲଗାଇବା ପରେ ଲୋକଙ୍କୁ ବିକ୍ରି କରାଯାଉଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ଏଥିରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି । ଦୀର୍ଘ ଦିନ ହେଲା ଏପରି କାର୍ଯ୍ୟ ଚାଲୁଛି ବୋଲି ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ.ଚକ୍ରପାଣି ରେଡ୍ଡି ଅଭିଯୋଗ କରିଛନ୍ତି। ଏ ନେଇ ବିଧିବଦ୍ଧ ଭାବେ ତଦନ୍ତ କଲେ ସବୁ ଜଣାପଡ଼ିବ ବୋଲି ସେ କହିଛନ୍ତି । ଏଠାରେ ନଡ଼ିଆ ଚାରା ହେଉଛି ବୋଲି କହି ଚାଷୀମାନଙ୍କୁ ଦିଆଯାଉଛି। ମାତ୍ର ଏହିସବୁ ନଡ଼ିଆ ଚାରା ଅନ୍ୟ ରାଜ୍ୟରୁ ଅଣାଯାଉଛି। ପୂର୍ବରୁ ଏଠାରେ ନଡ଼ିଆ ଗଛ ଯାହାଥିଲା ସ୍ଥାନୀୟ ଲୋକେ ଲିଜ ସୂତ୍ରରେ ନେଇ ଅର୍ଥ ଉପାର୍ଜନ କରୁଥିଲେ । କିନ୍ତୁ ଏବେ ଲୋକମାନଙ୍କୁ ଲିଜ୍ ଦିଆ ନ ଯାଇ ଅଫିସ୍ ସବୁ ବୁଝାଶୁଝା କରୁଛି। କେବଳ ନଡ଼ିଆ ଚାରା ଦୁର୍ନୀତିରେ ସୀମିତ ନୁହେଁ, ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ଦୁର୍ନୀତି ହେଉଥିବା ଭିକାରୀପଲ୍ଲୀ ପୂର୍ବତନ ସମିତିସଭ୍ୟ ମଥୁରା ସୁବୁଦ୍ଧି ଅଭିଯୋଗ କରିଛନ୍ତି। ରାତିରେ ଆନ୍ଧ୍ରରୁ ଚାରା ଆଣି ଏଠାରେ ରୋପଣ କରାଯାଉଛି। ପରବର୍ତ୍ତୀ ସମୟରେ ଅଧିକ ଦରରେ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ବୁଧବାର ଟ୍ରକ ଦ୍ୱାରା ଆସିଥିବା ହଜାର ହଜାର ନଡ଼ିଆ ଚାରାକୁ ଓହ୍ଲାଯାଇ ତରବରିଆ ଭାବେ ପୋତାଯାଉଥିଲା । ଏପରିକି ଅଫିସ୍‌ର ମୁଖ୍ୟ ଫାଟକରେ ତାଲା ପକାଇ ଏହିସବୁ କାର୍ଯ୍ୟ କରାଯାଉଥିଲା। ଉକ୍ତ ଟ୍ରକର ଚାଳକ ମଧ୍ୟ ଗଣମାଧ୍ୟମ ଆଗରେ ଏହାସବୁ ଆନ୍ଧ୍ରରୁ ଆସିଥିବା ସ୍ୱୀକାର କରିଥିଲେ। ସ୍ଥାନୀୟ ଚାଷୀମାନଙ୍କ ଠାରୁ ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ପରେ ଅଫିସ ମୁଖ୍ୟ ଫାଟକରେ ତାଲା ପକାଇ ଦିଆଯାଇଥିଲା । କିଛି କର୍ମଚାରୀ ତାଲା ଖୋଲିବାକୁ ଅମଙ୍ଗ ହୋଇଥିଲେ । ବହୁ ସମୟ ପରେ ତାଲା ଖୋଲାଯାଇଥିଲା। ଏ ନେଇ ସହକାରୀ ନିର୍ଦ୍ଦେଶକ ପ୍ରତାପ ପଣ୍ଡାଙ୍କୁ କେଉଁଠୁ ଚାରା ଆସୁଛି, ଏହାର ଟେଣ୍ଡର ହୋଇଛି କି ନାହିଁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଫାଟକ ବନ୍ଦ କରିଦେଇଥିଲେ। ଜିଲା ଉଦ୍ୟାନ ଉପନିର୍ଦ୍ଦେଶକ ସୁବାସ ପଣ୍ଡାଙ୍କୁ ପଚାରିବାରେ ଅଫିସ ମୁଖ୍ୟ ଫାଟକ ତାଲା ପକାଇ ରଖିବା ନିୟମ ନାହିଁ ବୋଲି କହିଛନ୍ତି । ଚାରା ସବର୍ଦା ପୁରୀ ଜିଲା କିମ୍ବା ଗଜପତିରୁ ହିଁ ଆସିଥାଏ ଏବଂ ଆନ୍ଧ୍ରରୁ ଆସୁଥିବା ସମ୍ପର୍କରେ ସେ ଜାଣନ୍ତି ନାହିଁ ବୋଲି କହିଥିଲେ।


ଆନ୍ଧ୍ରରୁ ଆସିଥିବା ନଡ଼ିଆ ଚାରା ମହଜୁଦ ରଖାଯାଇଛି।

## ସଂକ୍ଷେପରେ

### ବାଲାଜୀ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଚିକିଟି,୨୧।୧୨(ଡି.ଏନ.ଏ.):** ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭାଗ ମୁଖ୍ୟ ଡା. ସୁଦର୍ଶନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଆକୁଳାନନ୍ଦ ପାଢ଼ୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ବିଷ୍ଣୁପ୍ରସାଦ ଡାକୁଆ, ରାମକୃଷ୍ଣ ପାଣିଗ୍ରାହୀ, ପ୍ରସାଦ କୁମାର ପରମ ଗୁରୁ ଯୋଗଦେଇ ଲୁକ୍କାୟିତ ଭାବେ ରହିଥିବା ସାହିତ୍ୟ, ସଂସ୍କୃତି ଓ କଳାର ପୁନରୁଦ୍ଧାର ହୋଇପାରିଲେ ଭାଷାର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଶେଷରେ ତୃତୀୟ ଓ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗର ମୁଖ୍ୟ ଡା. ସୁଦର୍ଶନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ପ୍ରି ଖ୍ରୀଷ୍ଟମାସ କାର୍ଯ୍ୟକ୍ରମ

**ନୂଆଗଡ଼,୨୧।୧୨:** ଗଜପତି ଜିଲା ନୂଆଗଡ ବ୍ଲକ ବଡପଦା ସ୍ଥିତ ସେଣ୍ଟମେରୀ ବିଦ୍ୟାଳୟରେ ପ୍ରି ଖ୍ରୀଷ୍ଟମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗ୍ରାମପଞ୍ଚାୟତ ସମିତିସଭ୍ୟ ମାନୁଏଲ ଛିଞ୍ଚାଣି ଓ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିଷ୍ଟର ମିନତି ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ସିଷ୍ଟର ଭାଗ୍ୟଲତା ପରିଛା, ସିଷ୍ଟର ଫ୍ଲୋରା, ଶିକ୍ଷୟିତ୍ରୀ ସୁବର୍ଣ୍ଣ ନାୟକ, ରୀନା ନାୟକ, କୁସୁମାକାନ୍ତ ମାଲିଙ୍କ ସମେତ ସମସ୍ତ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସମିତି ସଭ୍ୟ ଛିଞ୍ଚାଣି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିବା ବେଳେ ସିଷ୍ଟର ମିନତି ଖ୍ରୀଷ୍ଟମାସ ଏବଂ ଯିଶୁଖ୍ରୀଷ୍ଟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ବାଦପୁରଠାରେ ସ୍ୱାସ୍ଥ୍ୟ ଶିବିର

**ଆର୍.ଉଦୟଗିରି,୨୧।୧୨(ଡି.ଏନ୍.ଏ.):** ଗଜପତି ଜିଲା ଆର. ଉଦୟଗିରି ବ୍ଲକ୍ ବାଦପୁର ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜେମ୍ସ ହସ୍ପିଟାଲ ଏବଂ ଗିଫ୍ଟ ସୋସାଇଟିର ନିର୍ଦ୍ଦେଶକ ଆଚାର୍ଯ୍ୟ ଆମୋଦ କୁମାର ବର୍ଦ୍ଧନଙ୍କ ମିଳିତ ଉଦ୍ୟମରେ ପାଖାପାଖି ୨୦୦ ଜଣ ଗରିବ ଲୋକମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପ୍ରଦାନ କରାଯାଇଥିଲା। ଜେମ୍ସ ହସ୍ପିଟାଲର ମ୍ୟାନେଜର ପି. ଅନୀଲ, ବିଜୁ ସ୍ୱାସ୍ଥ୍ୟ କାର୍ଡଧାରୀଙ୍କୁ ଶ୍ରୀକାକୁଲମସ୍ଥିତ ଜେମ୍ସ ହସ୍ପିଟାଲରେ ସମସ୍ତ ରୋଗର ମାଗଣା ଚିକିତ୍ସା ରହିଥିବାରୁ ଏହାର ସୁଯୋଗ ନେବାଲାଗି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜେମ୍ସ ହସ୍ପିଟାଲର ଡ. ଚୈତନ୍ୟା, ଏରିଆ ମ୍ୟାନେଜର ପି.ଅନିଲ, ଆପଲ୍ ନାଇଡୁ, କେ. ଦୀପା, ନାରାୟଣ ରାଓ, ସାର୍ଜନ କାଉଁରି, ପଦ୍ମାବତୀ ଓ ସ୍ଥାନୀୟ ପାଳକ ବିକାଶ କର ଉପସ୍ଥିତ ଥିଲେ।

### ଭତ୍ତା ବଣ୍ଟନ ମେଳା

**ଆସିକା,୨୧।୧୨(ଡି.ଏନ.ଏ.):** ଆସିକା ବ୍ଲକ ପରିସରରେ ବୁଧବାର ଏକ ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ଆସିକା ବ୍ଲକର ୨୭ଟି ପଞ୍ଚାୟତର ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୩୮୯ଜଣ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଭା ବଣ୍ଟନ କରାଯାଇଥିଲା। ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥିରୂପେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଉପାଧକ୍ଷା ରେସମା ଦୋରା, ବିଡିଓ ଫକୀର ଚରଣ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଦସ୍ୟ ସାମିଲ ଥିଲେ।

# ନିଖୋଜ ନାବାଳକଙ୍କ ମୃତଦେହ ଜବତ

**ଦିଗପହଣ୍ଡି,୨୧।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ଥାନା କୋଟିନଡ଼ା ଗ୍ରାମର ବସନ୍ତ ଛଟେଇଙ୍କ ୫ ବର୍ଷ ବୟସର ନିଖୋଜ ପୁଅ ପ୍ରଭୁପାଦଙ୍କ ମୃତଦେହ ଘର ବାରିପଟ କୂଅରୁ ଜବତ ହୋଇଛି। ପ୍ରଭୁପାଦ ସୋମବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଘର ବାରଣ୍ଡାରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ପ୍ରଭୁପାଦଙ୍କୁ କେହି ଅପହରଣ କରିନେଇଥିବା ସନ୍ଦେହ କରି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏତଲାକୁ ଭିତ୍ତିକରି ଥାନା ମାମଲା ନଂ. ୪୨୬/୨୨ ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ତେବେ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ମଙ୍ଗଳବାର ବିଳମ୍ବିତ ରାତି ଯାଏଁ ଖୋଜାଖୋଜି କରିବା ପରେ ନିଖୋଜ ଶିଶୁଙ୍କ ମୃତଦେହ ଘର ବାରିପଟ କୂଅରେ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଥାନା ଆଇଆଇସି ଦିପ୍ତୀରଞ୍ଜନ ବେହେରା ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବୁଧବାର ସକାଳେ ବ୍ରହ୍ମପୁର ବଡମେଡିକାଲ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ର



ପାଠଚକ୍ରକୁ ଭାରପ୍ରାପ୍ତ ଅଧକ୍ଷ ସାତ୍ୟକୀ ସାହୁ ଉଦ୍‌ଘାଟନ କରୁଛନ୍ତି।

**ଭଞ୍ଜନଗର,୨୧।୧୨(ଡି.ଏନ୍.ଏ.)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ଏବଂ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦର୍ଶନଶାସ୍ତ୍ର ପାଠଚକ୍ରରେ ଭାରପ୍ରାପ୍ତ ଅଧକ୍ଷ ସାତ୍ୟକୀ ସାହୁ ଅଧକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ରାଜଶ୍ରୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀ ରୂପେଲି ଭୂୟାଁ ସନ୍ଦର୍ଭକୁ ପାଠ କରିଥିବାବେଳେ ତାଙ୍କୁ ବିଭାଗୀୟ ଅଧାପକ ବୁଦ୍ଧେଶ୍ୱର ଗୋପାଳ ଗୋତ୍ର ସହଯୋଗ କରିଥିଲେ। ଅଧାପକ ପବିତ୍ର ଶବର ଧନ୍ୟବାଦ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ରରେ ଅଧକ୍ଷ ସାହୁ ଅଧକ୍ଷତା କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଧାପିକା ମନ୍ଦାକିନୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅଧାପିକା ସେଫାଳୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ବାସଭବନ ଆଗରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା



ଅଙ୍ଗନୱାଡି କର୍ମୀଙ୍କ ଧାରଣାସ୍ଥଳରେ ବିଧାୟକ।

**ଆର.ଉଦୟଗିରି,୨୧।୧୨(ଡି.ଏନ.ଏ.)**

ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ମହେନ୍ଦ୍ରଗଡ଼ ସ୍ଥିତ ବାସଭବନ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ଓ ସହାୟିକା ଧାରଣା ଦେଇଛନ୍ତି । ମଙ୍ଗଳବାର ମୋହନା, ଆର.ଉଦୟଗିରି, ନୂଆଗଡ ଓ ବ୍ଲକର ପ୍ରାୟ ୨ ହଜାର ଅଙ୍ଗନୱାଡି କର୍ମୀ ଓ ସହାୟିକା ମହେନ୍ଦ୍ରଗଡ ଡିଭିତୀୟ କଲୋନୀରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଧାୟକଙ୍କ ବାସଭବନରେ ପହଞ୍ଚି ଧାରଣା ଦେଇଥିଲେ। ଏଥିରେ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିସ ୱାର୍କର୍ସ ଆସୋସିଏଶନ୍ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅଞ୍ଜଳି ନାୟକ, ଗଜପତି ଜିଲା ସଭାନେତ୍ରୀ ଜ୍ୟୋସ୍ନାରାଣୀ ପଣ୍ଡା, ଜିଲା ସମ୍ପାଦିକା ପୁଷ୍ପାଞ୍ଜଳି ପଣ୍ଡା ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ କଡ଼ା ନିନ୍ଦା କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ଦରମା ବୃଦ୍ଧି, ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ କର୍ମୀର ମାନ୍ୟତା ସହ ୮ ଦଫା ଦାବି ନେଇ ଗତ ନଭେମ୍ବର ୨୧ରୁ ବିଧାନସଭା ଆଗରେ ଧାରଣା ଦେଇଛନ୍ତି। ଏଥିସହ ରାଜ୍ୟର ସମସ୍ତ ବ୍ଲକର ଆଇସିଡିଏସ୍ କାର୍ଯ୍ୟାଳୟ ଆଗରେ ମଧ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ଆନ୍ଦୋଳନକୁ ଏକ ମାସ ବିତିଯାଇଥିଲେ ମଧ ସେମାନଙ୍କ ଦାବି ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବା ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଛନ୍ତି । ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ବାସଭବନ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାନସଭାରେ ସେମାନଙ୍କ ଦାବି ଉପସ୍ଥାପନ କରିବା ସହ ସରକାରଙ୍କ ଅବଗତ କରାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ। ଏହି ଅବସରରେ ଅଙ୍ଗନୱାଡି କର୍ମୀ ସଂଘର ମୋହନା ବ୍ଲକ ସଭାନେତ୍ରୀ ପବିତ୍ରା ନାୟକ, ଆର. ଉଦୟଗିରି ବ୍ଲକ ସଭାନେତ୍ରୀ ଟୁନି ଦୋରା, ନୂଆଗଡ ବ୍ଲକ ସଭାନେତ୍ରୀ ସୁଜାତା ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ଆକ୍ରମଣ ମାମଲାରେ ଯୁବକ ଗିରଫ

**ଆସିକା,୨୧।୧୨ (ଡି.ଏନ.ଏ.)**

ଗାଙ୍ଗପୁର ଥାନା ଖୁକୁଣ୍ଡିଆ ଗ୍ରାମରୁ ପୋଲିସ ବୁଧବାର ଏକ ଆକ୍ରମଣ ଓ ଚୋରି ମାମଲାର ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଶିବରାମ ସାହୁ । ଗତ ଡିସେମ୍ବର ୭ତାରିଖରେ ଅଭିଯୁକ୍ତ ଜଣକ ସେହି ଗ୍ରାମର ଭରତ ଡାକୁଆଙ୍କ ଦୋକାନରୁ ଥଣ୍ଡା ପାନୀୟ ଆଣିବା ଲାଗି କାହାକୁ ପଠାଇଥିଲେ। ତେବେ ଭରତ ମନା କରିବାରୁ ଅଭିଯୁକ୍ତ ଜଣକ ଦୋକାନରୁ ସାଇକଲ ଓ ଜିନିଷ ପତ୍ର ନେଇଯିବା ସହ ତାଙ୍କୁ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ । ଘଟଣା ସମ୍ପର୍କରେ ଭରତ ଡାକୁଆଙ୍କ ଅଭିଯୋଗ କ୍ରମେ ଗାଙ୍ଗପୁର ଥାନାରେ ନଂ.୫୯୩/୨୨ରେ ଏକ ମାମଲା ରୁଜୁ କରାଯାଇ ସବଇନିସପେକ୍ଟର ଶୁଭ୍ରଜିତ ସାମନ୍ତରାୟ ମାମଲାର ତଦନ୍ତ କରୁଛନ୍ତି।

# ଫେବୃୟାରୀ ୬ରୁ ରାମଚଣ୍ଡୀ ମନ୍ଦିର ନୂତନ ପ୍ରାସାଦ ପ୍ରତିଷ୍ଠା

**ଛତ୍ରପୁର,୨୧।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ମା’ ରାମଚଣ୍ଡୀ ମନ୍ଦିରର ନୂତନ ପ୍ରାସାଦ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବ । ଫେବୃୟାରୀ ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ନୂତନ ବିଗ୍ରହ, ମନ୍ଦିର ପ୍ରାସାଦ ପ୍ରତିଷ୍ଠା ମହୋତ୍ସବ ଓ ସପ୍ତ ମହାଯଜ୍ଞ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ମନ୍ଦିର ଟ୍ରଷ୍ଟି, ପରିଚାଳନା କମିଟି କର୍ମକର୍ତ୍ତା, ସଦସ୍ୟ ଏବଂ ୪ ଜଣ ପଣ୍ଡିତଙ୍କ ଉପସ୍ଥିତିରେ ଉପରୋକ୍ତ ତିଥି ଓ ଦିନ ନିର୍ଦ୍ଧାରଣ କରାଯାଇଛି । ଏଥିସହ ବିଭିନ୍ନ ସବ୍‌କମିଟିମାନ ମଧ ଗଠନ ହୋଇଛି । କିଭଳି ଜାଜକମ ଓ ଶାନ୍ତିଶୃଙ୍ଖଳା ସହ ଏହା ସମାପନ ହେବ ସେ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

# ବ୍ରହ୍ମପୁରରେ ହେବ ଏନ୍‌ସିସି ଟ୍ରେନିଂ କମ୍ପ୍ଲେକ୍ସ

**ଛତ୍ରପୁର,୨୧।୧୨(ଡି.ଏନ୍.ଏ)**

ଗଞ୍ଜାମ ଜିଲା ବ୍ରହ୍ମପୁରରେ ଏନସିସି ଟ୍ରେନିଂ କମ୍ପ୍ଲେକ୍ସ ସ୍ଥାପନ ଲାଗି ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ୫ ଏକର ଜମିରେ ଏହି ଟ୍ରେନିଂ କମ୍ପ୍ଲେକ୍ସ ପ୍ରତିଷ୍ଠା କରି ଏନ୍‌ସିସି କ୍ୟାଡେଟମାନଙ୍କୁ ତାଲିମ ଓ ସେମାନଙ୍କ ପାଇଁ କ୍ୟାମ୍ପ ଆୟୋଜନ କରାଯିବ । ଏଥିଲାଗି ଉକ୍ତ ଜମି ବ୍ରହ୍ମପୁର ଅଞ୍ଚଳରେ ଆବଶ୍ୟକ ପଡୁଛି । ଏହି ଜମି ପ୍ରଦାନ ଲାଗି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଆସିଛି। ପୂର୍ବରୁ ବ୍ରହ୍ମପୁର କିମ୍ବା ବିଭିନ୍ନ କଲେଜମାନଙ୍କରେ ଏନ୍‌ଏସିସି କ୍ୟାଡେଟ୍‌ମାନଙ୍କୁ ତାଲିମ ଦିଆଯାଉଥିଲା ଏବଂ କ୍ୟାମ୍ପଆୟୋଜନ ହେଉଥିଲା। ଏହି ଟ୍ରେନିଂ କମ୍ପ୍ଲେକ୍ସ ପ୍ରତିଷ୍ଠା ହେଲେ ଏନସିସି କ୍ୟାଡେଟ୍‌ମାନଙ୍କୁ ତାଲିମ ଦିଆଯିବା ସହ କ୍ୟାମ୍ପର ଆୟୋଜନ ଭଲ ଭାବେ ହୋଇପାରିବ ବୋଲି କୁହାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏନସିସି ପରାମର୍ଶଦାତା କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ହୋଇଥିଲା।

# ଆନନ୍ଦ ଉଲ୍ଲାସରେ ପାଳନ ହେବ ବଡ଼ଦିନ, ନବ ବର୍ଷ


ଶାନ୍ତି କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

**ଫୁଲବାଣୀ ଅଫିସ, ୨୧।୧୨**

## ଶାନ୍ତି କମିଟି ବୈଠକ

କନ୍ଧମାଳ ଜିଲାରେ ବଡ଼ଦିନ ଏବଂ ନୂଆ ବର୍ଷକୁ ଶାନ୍ତି ଓ ସଦ୍‌ଭାବନାର ସହ ପାଳନ କରିବା ନିମନ୍ତେ ଜିଲାସ୍ତରୀୟ ଶାନ୍ତି କମିଟି ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାଟିଲ ଆଶିଷ ଈଶ୍ୱର ଏଥିରେ ଅଧକ୍ଷତା କରିଥିଲେ । ବଡ଼ଦିନ ଓ ନବ ବର୍ଷକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିବାକୁ ସେ ସମସ୍ତଙ୍କୁ କହିବା ସହ ନବ ବର୍ଷର ଶୁଭେଚ୍ଛା ପ୍ରଦାନ କରିଥିଲେ। ଏସ୍‌ପି ଭିନିତ୍ ଅଗ୍ରୱାଲ୍ ଶାନ୍ତି ଶୃଙ୍ଖଳା ଓ ଆନନ୍ଦର ସହିତ ବଡ଼ଦିନ ଏବଂ ନବବର୍ଷ ପାଳନ ନିମନ୍ତେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆମ ଜିଲା ଶାନ୍ତିପ୍ରିୟ, ଅଧିବାସୀମାନେ ଭାଇଚାରାରେ ସାହାଯ୍ୟ ସହାନୁଭୂତି ପ୍ରଦାନ କରିଥାନ୍ତି ବୋଲି କହିଥିଲେ । ବଡ଼ଦିନ ପାଳନ ସମୟରେ ଚର୍ଚ୍ଚମାନଙ୍କରେ ବିଜୁଳି କାଟ୍ ନ କରିବାକୁ ଯୋଗଦେଇଥିବା କେତେକ ବ୍ୟକ୍ତି ଅନୁରୋଧ କରିଥିଲେ। ତୁମୁଡ଼ିବନ୍ଧର ଜିଲା ପରିଷଦ ସଭ୍ୟ ନବୀନ ପାତ୍ର ୨୩ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ନିଶାକୁ ନିଷେଧ କରାଗଲେ ଭଲ ହୁଅନ୍ତା ବୋଲି କହିଥିଲେ। ସେହିପରି ଡକ୍ଟର ଅରୁପ କୁମାର ଜେନା ଯଦି ଆମେ ଏହି ଜିଲାକୁ ଭଲପାଉ, ମାଟିକୁ ଭଲପାଉ ତେବେ ଏହି ଜିଲାର କିପରି ସର୍ବାଙ୍ଗୀନ ଉନ୍ନତି ହେବ ସେଥିପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ। କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର ଯୋଗଦେଇ କହିଲେ ଆଦିବାସୀମାନେ ଶାନ୍ତିପ୍ରିୟ। ସେମାନେ ନିଜ ଅଧିକାର ପାଇଁ ଦାବି କରନ୍ତି। କିନ୍ତୁ କାହାରି ସହିତ କଳିଗୋଳ କରିବାକୁ ଭଲପାଆନ୍ତି ନାହିଁ । ଜିଲାପାଳ ସମସ୍ତଙ୍କ ଦାବିଗୁଡ଼ିକର ଆଶୁ ସମାଧାନ କରାଯିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ମଧୁସୂଦନ ବେହେରା ଧନ୍ୟବାଦ ଦେଇଥିଲେ।

# ମରାମତିରେ ଚାଲିଛି ରାଇକିଆ ପ୍ରାଥମିକ ବିଦ୍ୟାଳୟ

**ରାଇକିଆ ୨୧।୧୨(ଡି.ଏନ.ଏ)**

ଶିକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶିକ୍ଷାଦାନଠାରୁ ଆରମ୍ଭ କରି ଭିତ୍ତି ଭୂମି ପର୍ଯ୍ୟନ୍ତ ଯଥା ସମ୍ଭବ ପଦକ୍ଷେପ ନିଆ ଯାଉଛି। ସ୍ମାର୍ଟ ବିଦ୍ୟାଳୟ ଭଳି ଯୋଜନା ହାତକୁ ନେଇ ଅତ୍ୟାଧୁନିକ ବୈଷୟିକ ଶିକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ତଥାପି ଅନେକ ବିଦ୍ୟାଳୟ ରହିଛି ମୌଳିକ ସୁବିଧା ମଧ ଉପଲବ୍ଧ ହୋଇ ପାରୁନାହିଁ। ରାଇକିଆ ସହରରେ ବିଇଓଙ୍କ କାର୍ଯ୍ୟାଳୟ ନିକଟରେ ମୁଖ୍ୟ ରାସ୍ତାକଡ଼ରେ ଥିବା ପୁରାତନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ଭୂମି ଜରାଜୀର୍ଣ୍ଣ ଆଡ଼କୁ ଗତି କରୁଛି। ୧୩୩ ବର୍ଷ ପୁରୁଣା ଏହି ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ପ୍ରାଥମିକ ଶିକ୍ଷାର ଏନ୍ତୁଡ଼ିଶାଳ ସାଜିଥିବା ବେଳେ ଆଜି ତାର ସ୍ଥିତିକୁ ନେଇ ସଂଘର୍ଷ କରୁଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମାତ୍ର ୧୧୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସହର ମଧରେ ଥିବା ଏହି ବିଦ୍ୟାଳୟର ଏଭଳି ଅବସ୍ଥା ଯୋଗୁ ସାଧାରଣ ସୁବିଧା ଯୋଗାଇବାରେ ଘରୋଇ ବିଦ୍ୟାଳୟଠାରୁ ଢେର ପଛରେ ରହୁଛି। ଯାହା ଅଭିଭାବକ ମହଲରେ ନିରାଶ କରୁଛି। ସେଥିପାଇଁ ପୁରୁଣା ଭଙ୍ଗାରୁଜା ଅବସ୍ଥାରେ ଥିବା ପାଞ୍ଚୋଟି ଆଜବେଷ୍ଟସ ଶ୍ରେଣୀଗୃହକୁ ବ୍ୟବହାର କରାଯାଉଥିବା ବେଳେ ଆଉ ଦୁଇଟି ପକ୍କା ଘରେ ଶିକ୍ଷାଦାନ କରାଯାଉଛି। ବର୍ଷାଦିନେ ପାଣି ଗଳୁଥିବାରୁ କେବଳ ମରାମତିରେ ହିଁ ଚାଲିଛି । ସ୍ଥାୟୀ ବିଲ୍‌ଡିଂ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଦ୍ୟାଳୟର ଏଭଳି ଶୋଚନୀୟ ଅବସ୍ଥା ଯୋଗୁ ଛାତ୍ରୀଛାତ୍ର ନାମ ଲେଖିବାକୁ ଆଗ୍ରହ ଦେଖାଉନାହାନ୍ତି। ପ୍ରତ୍ୟେକ ବର୍ଷ ସଂଖ୍ୟା କମିବାରେ ଲାଗିଛି। ଏ ନେଇ ରାଇକିଆ ଗୋଷ୍ଠୀ ଶିକ୍ଷାଅଧିକାରୀ ମହେଶ୍ୱର ମାଝୀ କହିଛନ୍ତି, ବିଦ୍ୟାଳୟ ମରାମତି, ନୂତନ କୋଠା ନିର୍ମାଣ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିବାରୁ ବିଦ୍ୟାଳୟର ଏଭଳି ସମସ୍ୟା ସମ୍ପର୍କରେ ବିଇଓଙ୍କ କାର୍ଯ୍ୟାଳୟରେ କୌଣସି ସୂଚନା ନଥିବା କହିଛନ୍ତି। ଅନ୍ୟ ପକ୍ଷରେ ରାଇକିଆ ୧୭ ନଂ. ଜିଲାପରିଷଦ ସଭ୍ୟ ସତ୍ୟବାନ ପାତ୍ର କହିଛନ୍ତି ଏହା ରାଇକିଆର ଏକ ପୁରାତନ ବିଦ୍ୟାଳୟ। ଏଭଳି ଶିକ୍ଷାନୁଷ୍ଠାନକୁ ଅଣଦେଖା କରାଯିବା ଦୁର୍ଭାଗ୍ୟଜନକ। ଏ ନେଇ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।



ରାଇକିଆ ପ୍ରାଥମିକ ବିଦ୍ୟାଳୟର ଫାଟକ।

# ଛୁଟିରେ ଗଲେ ଆବାସିକ ସ୍କୁଲ୍‌ର ସବୁ ଛାତ୍ରୀ

## ପରିଦର୍ଶନ କଲେ ସଂଯୋଜକ

**ଛତ୍ରପୁର,୨୧।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ରିକାପଲ୍ଲୀସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ୩ ଦିନ ପରେ ବାଳିକା ଶିକ୍ଷା ସଂଯୋଜକ ଜ୍ୟୋତିପ୍ରକାଶ ରଥ ବୁଧବାର ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏପରିକି କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟରେ ୧୪୬ଜଣ ଛାତ୍ରୀ ରହି ପଢୁଥିବା ବେଳେ କେବେବି ସେ ପରିଦର୍ଶନ କରିବାକୁ ଯାଉନଥିବା ଅବିଭାବକ, ଛାତ୍ରୀ ମଙ୍ଗଳବାର ଗଣମାଧମ ଆଗରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଖବର ପ୍ରସାରଣ ପରେ ସେ ପରିଦର୍ଶନରେ ଯାଇଥିଲେ। ଏହାସହ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରିତା ରଥ ସୂଚନା ଦେଇଛନ୍ତି। ଏକ୍ମାସ ଛୁଟି ହୋଇଯାଇଥିବାରୁ ଉକ୍ତ ବିଦ୍ୟାଳୟର ସମସ୍ତ ଛାତ୍ରୀ ନିଜ ଘରକୁ ଯାଇଥିବା ସୂଚନା ଦିଆଯାଇଛି । ତେବେ ପୂର୍ବରୁ ଭୟରେ ଅଭିଭାବକମାନେ ନିଜ ଝିଅମାନଙ୍କୁ ଘରକୁ ନେଉଥିଲେ । ଏବେ ଛୁଟି ଯୋଗୁଁ ସବୁ ଛାତ୍ରୀ ଘରକୁ ଯାଇଛନ୍ତି । ସୂଚନାଯୋଗ୍ୟ ରିବାବାର ଉକ୍ତ ବିଦ୍ୟାଳୟରେ ରହୁଥିବା କୈଳାଶ ଚନ୍ଦ୍ର ବେହେରାଙ୍କ ସାନ ଝିଅ ରୋଜା ବେହେରା(୧୫) ଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା। ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତାଙ୍କ ଘରଲୋକ ଦାୟୀ କରିଥିଲେ ।

## ସଂକ୍ଷେପରେ

### ଧାନମଣ୍ଡି ସମସ୍ୟା ନେଇ ପ୍ରଶାସନକୁ ଘେରିଲା ଭାଜପା

ଯାଜପୁର ଟାଉନ,୨୧।୧୨(ଡି.ଏନ.ଏ.): ଧାନ କିଣା ବ୍ୟବସ୍ଥାରେ ରାଜ୍ୟ ସରକାର ଚାଷୀଙ୍କ ପରିବର୍ତ୍ତେ ମିଲରଙ୍କୁ ସୁହାଇଲା ଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାରଙ୍କ ଭୁଲ ଓ ନିଷ୍ପାହୀନ କାରବାର ଯୋଗୁ ଚାଷୀ କ୍ରମାଗତ ଭାବେ ଉପେକ୍ଷିତ, ଅବହେଳିତ ଏବଂ ଦାରିଦ୍ର୍ୟତାର ଶିକାର ହେଉଛନ୍ତି ବୋଲି ଭାରତୀୟ ଜନତାପାର୍ଟି(ଭାଜପା) ଯାଜପୁର ଜିଲା ଶାଖା ପକ୍ଷରୁ ବୁଧବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ଅବସରରେ ଦଳର ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ମନ୍ମଥ କୁମାର ବରାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରରେ ଭାଜପା ଅଭିଯୋଗ କରିଛିଯେ, ଚାଷୀଙ୍କ ପ୍ରତି ସରକାର ବିଶ୍ୱାସଘାତକତା କରିଚାଲିଛନ୍ତି। ଉପକୂଳ ରାଜ୍ୟରେ ଧାନ ଅମଳ ୮୦ ଭାଗ ସରିଯାଇଥିବା ବେଳେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇନାହିଁ। କୃଷକ ପଞ୍ଜୀକରଣରେ ଅନିୟମିତତା ଓ ପାତରଅନ୍ତର କରାଯାଉଥିବା ବେଳେ କେନ୍ଦ୍ରୀୟ ଟୋକନ ନାମରେ ସରକାରୀ ପ୍ରାୟୋଜିତ ଭ୍ରଷ୍ଟାଚାର କରାଯାଉଛି। ଚାଷୀ ମୁଣ୍ଡ ପିଛା ସର୍ବାଧିକ ୬୦ କୁଇଣ୍ଟାଲ ଧାନ ବିକ୍ରି ନିଷ୍ପତ୍ତିକୁ ରଦ୍ଦ କରି ବିକ୍ରି ସୀମାକୁ ବୃଦ୍ଧି କରାଯିବା, ଏମଏସପି ପାଇଁ ପ୍ରତି ଜିଲା ଓ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବା ତଥା ଏମ୍‌ଏସ୍‌ପି ପାଇବାରେ ଚାଷୀଙ୍କ ପ୍ରତି ଅବହେଳା କରୁଥିବା ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା, ଧାନ ସଂଗ୍ରହର ସୀମା ଅଣଜଳସେଚିତ ଜମି ପାଇଁ ୨୨ କୁଇଣ୍ଟାଲ ଓ ଜଳସେଚିତ ଜମିରେ ୨୮ କୁଇଣ୍ଟାଲ ପ୍ରତି ଏକର ହେବ ବୋଲି ତୁରନ୍ତ ଘୋଷଣା କରିବା, ଏବଂ ମୁଖ୍ୟମନ୍ତ୍ରୀ ୨୦୧୬ ରେ ଘୋଷଣା କରିଥିବା ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ତୁରନ୍ତ ଚଳିତ ସିଜିନରେ ଚାଷୀଙ୍କୁ ପ୍ରଦାନ ପାଇଁ ଭାଜପା ନେତୃମଣ୍ଡଳୀ ଦାବିପୂର୍ବକ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ନିରଞ୍ଜନ ବଳ, ସରପଞ୍ଚ କୁଳମଣି ପରିଡ଼ା, ଅଭିରାମ ଦାସ, ପର୍ଶୁରାମ ଦାସ, ଅବନୀ ବିଶ୍ୱାଳ, ରାମଚନ୍ଦ୍ର ସାହୁ, ଭିକାରୀ ନାୟକ, ବାବନ ସାହୁ, କାଳନ୍ଦୀ ବେହେରା, ଭୀମସେନ ସାହୁ, ସୁରେଶ ରାଉତ, ରୁପକ ଦାସ, ହରିହର ନାୟକ, ଗଜେନ୍ଦ୍ର ମହାନ୍ତିଙ୍କ ସମେତ ଛାମୁଆ ସଂଗଠକ ଉପସ୍ଥିତ ଥିଲେ।

# କାମରେ ଲାଗୁନି 'ବସୁଧା'

■ ହତ୍ୟାକାରୀ ଖୋଲାରେ ବୁଲୁଛନ୍ତି: ଭାଜପା

■ ସାରଦାଙ୍କ ନାଁରେ ବହୁ ଆପରାଧିକ ମାମଲା ରହିଛି: ବିଜେଡି

ଯାଜପୁର ଅଫିସ,୨୧।୧୨:

ଯାଜପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲୁଏସଏସ୍) ଖଣ୍ଡରେ ବ୍ୟାପକ ଦୁର୍ନୀତି ଚାଲିଛି । ଜିଲାବାସୀଙ୍କ ପାନୀୟ ଜଳ ସମସ୍ୟାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ପରିବର୍ତ୍ତେ ମିଛସତ ରିପୋର୍ଟ ଦେଇ ନିଜର ଦାୟିତ୍ୱ ନିର୍ବାହ କରାଯାଉଛି । ଯଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେବା ପରିବର୍ତ୍ତେ ଆହୁରି ଜଟିଳ ହେବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି।

୨୦୧୭ରୁ ୨୦୨୨ମଧ୍ୟରେ ଧର୍ମଶାଳା ବ୍ଲକରେ ବସୁଧା ଯୋଜନାରେ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ମାଧମରେ ଶତାଧିକ ପାଣି ଟାଙ୍କି ନିର୍ମାଣ ଏବଂ ପାଇପ୍ ବିଛା କାମ ହୋଇଛି। ହେଲେ ସେଥିରୁ ଅଧିକାଂଶ ପ୍ରକଳ୍ପରେ ନିର୍ଦ୍ଧାରିତ ଲୋକେ ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ବିଭାଗରେ ତୃଣମୂଳରୁ ରାଜ୍ୟସ୍ତରର ଅନେକ ଯନ୍ତ୍ରୀ, ଠିକାଦାର, ନେତା ଓ ପଦାଧିକାରୀ ଅସାଧୁ ମେଣ୍ଟ ହୋଇ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଦାନକୁ ଆତ୍ମସାତ୍ କରୁଥିବା ଚର୍ଚ୍ଚା ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଅନେକ ସ୍ଥାନରେ ଅଧାପନ୍ତରିଆ ହୋଇ ପଡିରହିଥିବା ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ସିଂହଭାଗ ଅର୍ଥ ଚଳୁ କରାଯାଇଛି । ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଡାକବଙ୍ଗଳା ନିକଟରେ ବସୁଧା ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ତାହାକୁ କାଗଜ ପତ୍ରରେ କାର୍ଯ୍ୟକ୍ଷମ ହେଉଥିବା ଦର୍ଶାଇ ମୋଟ ୧ କୋଟି ୫୪ ଲକ୍ଷ ୬୬ ହଜାର ଟଙ୍କା ବିଲ କରିଛନ୍ତି । ଜେନାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ଭାଜପା ନେତା ମାନସ କୁମାର ମହାନ୍ତିଙ୍କ କହିବା ଅନୁସାରେ ନିର୍ମାଣ ହୋଇଥିବା ପାଣି ଟାଙ୍କି ନିକଟରେ ବୋରୱେଲକୁ ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ଗ୍ରାମ ମଧ୍ୟରେ ପାଇପ୍ ସମ୍ପୂର୍ଣ୍ଣ ଭାବେ ବିଛା ଯାଇନାହିଁ। ଅଧିକାଂଶ କ୍ଷେତ୍ରରେ ବିଛାଯାଇଥିବା ପାଇପ୍ ଅଧା ସଂଯୋଗ ହୋଇ ପଡି ରହିଛି। କିନ୍ତୁ ପ୍ରକଳ୍ପ ଫଳକରେ ୨।୩।୨୦୧୯ରେ କାମ ଆରମ୍ଭ ହୋଇ ୧।୧୨।୨୦୧୯ରେ ଶେଷ ହୋଇଥିବା ଦର୍ଶାଯାଇଛି। ଏହି ଫଳକ ଆଧାରରେ ଆବଣ୍ଟିତ ଅନୁଦାନକୁ ଚଳୁ କରାଯାଇଛି ବୋଲି ସେମାନେ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭ରେ ୧କୋଟି ୫୪ ଲକ୍ଷ ୬୬ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ଏଥିପାଇଁ ଗାଁ ଭିତରେ କେତେକ ରାସ୍ତା କଡରେ ପାଇପ ବିଛାଯାଇଥିଲା । ଏହାକୁ ନେଇ ଗାଁର ଝିଅ ବୋହୂମାନେ ଅତି ନିକଟରେ ବିଶୁଦ୍ଧ ପାନୀୟ ଜଳର ସୁବିଧା ପାଇବେ ବୋଲି ଖୁସି ହୋଇଥିଲେ । ମାତ୍ର ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି କାଗଜ କଲମରେ ପ୍ରକଳ୍ପଟିକୁ ସମ୍ପୂର୍ଣ୍ଣ କରି ଦେଢକୋଟି ଟଙ୍କା ଆତ୍ମସାତ୍ କରି ନେଇଥିବା ସ୍ଥାନୀୟ ଜେନାପୁର ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରାସ୍ତାପାର୍ଶ୍ୱରେ ପାଇପ୍ ବିଛାଇବାକୁ ଅଧା ଖୋଳା ହୋଇଥିବା ଖାତରେ ଗାଈଗୋରୁଠାରୁ ଆରମ୍ଭ କରି ପିଲାଛୁଆମାନେ ବାରମ୍ବାର ପଡି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଆରଡବ୍ଲୁଏସଏସ୍‌ର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ।

ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କୁ ପଚାରିବାରୁ ସେ କହିଛନ୍ତି, ଏଥିପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ କରାଯାଇଛି। ୧ ମାସ ମଧ୍ୟରେ ସେ ଉକ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଏହି ଦୁର୍ନୀତି ପଛରେ କାହାର ହାତ ଅଛି ଏବଂ କାହାପାଇଁ ସାଧାରଣ ଲୋକମାନେ ପାଣି ମୁନ୍ଦେ ପାଇଁ ଦିଗହରା ହେଉଛନ୍ତି ତାହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲାରେ ପ୍ରାୟ ୪୫୦ଟି ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ବିଭାଗୀୟ ଅଧିକାରୀମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ବାସ୍ତବରେ ପାଣି ଟାଙ୍କି ଅଛି ହେଲେ ସେଥିରୁ ପାଣି ବାହାରୁ ନାହିଁ ବୋଲି ଅଭିଯୋଗ ହେଉଛି। ପ୍ରକଳ୍ପଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ନିର୍ମାଣ ସରିଥିବା ପ୍ରକଳ୍ପ ମଧ୍ୟରୁ ଅଧିକାଂଶରେ ବିଦ୍ୟୁତ ବିଭ୍ରାଟ ସମସ୍ୟା ରହିଛି । ନିମ୍ନମାନର ପାଇପ ବ୍ୟବହାର ଯୋଗୁ ବହୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉଥିଲେ ମଧ୍ୟ ଗ୍ରାମବାସୀ ପାଣି ଟୋପାଏ ପାଉନାହାନ୍ତି । ଏହାସହ ସୁକିନ୍ଦା, ବଡ଼ଚଣା, ଧର୍ମଶାଳା, ଦଶରଥପୁର, ବିଞ୍ଝାରପୁର ବ୍ଲକରେ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ସୁକିନ୍ଦାରେ ୨ଟି ପ୍ରକଳ୍ପ ନିର୍ମାଣକୁ ପ୍ରାୟ ୬ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପୂର୍ଣ୍ଣମାତ୍ରାରେ ଲୋକଙ୍କ କାମରେ ଲାଗି ପାରୁନାହିଁ ବୋଲି ମତ ପ୍ରକାଶ ପାଇଛି ।


ଜଳ ସଂଗ୍ରହ ପାଇଁ ମହିଳାମାନେ ଅପେକ୍ଷା କରିଛନ୍ତି।


ଜେନାପୁର ଡାକବଙ୍ଗଳା ନିକଟରେ ନିର୍ମିତ ପାନୀୟଜଳ ପ୍ରକଳ୍ପ।

### ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

ବିଞ୍ଝାରପୁର,୨୧।୧୨(ଡି.ଏନ.ଏ.): କୋଭିଡ୍ କଟକଣା ପାଇଁ କିଛି ବର୍ଷ ଧରି ବନ୍ଦ ଥିବା ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ବୁଧବାର ବିଞ୍ଝାରପୁର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ବିଞ୍ଝାରପୁର ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବିଭାଗର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରିଥିଲେ। ସମସ୍ତ ଜିଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଗୋପାଳପୁରଠାରେ ପ୍ରାଦେଶିକ କ୍ରୀଡ଼ା ପ୍ରତିଯୋଗିତା

ରଗଡି,୨୧।୧୨(ଡି.ଏନ.ଏ.): କୋରାଇ ବ୍ଲକ ରଣପୁର ପଞ୍ଚାୟତ ଚୋରନ୍ଦା ଗୋପାଳପୁର ଶ୍ରୀପୁରୁଷୋତ୍ତମ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରାଦେଶିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆପଡା, ଶିଶୁମନ୍ଦିର ବାଦାମବାଡି କଟକ, ଫୁଲନଖରା ସରସ୍ୱତୀ ଶିଶୁମନ୍ଦିର ଧନୀଶୋ ଜଗତସିଂହପୁରରୁ ଆସିଥିବା ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ' ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ସୁକାନ୍ତି ସାହୁ ମୁଖ୍ୟଅତିଥି, ପ୍ରଫୁଲ୍ଲ ମିଶ୍ର, ପଦ୍ମଲୋଚନ ମହାନ୍ତି, ଶିକ୍ଷକ ହିମାଂଶୁ ନାୟକ, ପ୍ରଧାନ ଆଚାର୍ଯ୍ୟ ସଂଘମିତ୍ରା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## କେଡିଏମ୍ କ୍ରିକେଟ, ଚକ୍ରଧରପୁର ବିଜୟୀ


ମ୍ୟାଚ୍‌କୁ ବ୍ଲକ ଅଧକ୍ଷ ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା,୨୧।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ୧୧ନଂ. ଜୋନ୍‌ର ବାରକଣା ଖେଳପଡ଼ିଆରେ ବୁଧବାର କଳ୍ପତରୁ ଦାସ ମେମୋରିଆଲ୍ (କେଡିଏମ୍) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଚକ୍ରଧରପୁର ଟିମ୍ ୧୨ ରନରେ ଗଡ଼ମଧୁପୁର ଟିମକୁ ପରାସ୍ତ କରି ବିଜୟୀ ହୋଇଛି। ଚକ୍ରଧରପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୫୦ରନ କରିଥିଲା। ଦଳପକ୍ଷରୁ ସତ୍ୟ ପ୍ରକାଶ ନାୟକ ୨୭ ରନ ଓ ସୁଶାନ୍ତ ବେହେରା ୨୩ ରନ କରିଥିଲେ। ବିପକ୍ଷ ଗଡ଼ମଧୁପୁର ଟିମ୍‌ର ସିପୁନ ବେହେରା ୩ ଓ ଅଲିଭ ବଳସାମନ୍ତ ୨ ଉଇକେଟ ନେଇଥିଲେ। ଜବାବରେ ଗଡ଼ମଧୁପୁର ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ପିଂଟି ସାହୁ ୮୯ ଓ ପ୍ରତାପ ପଣ୍ଡା ୧୨ ରନ ସଂଗ୍ରହ କରିଥିଲେ। ବିପକ୍ଷ ଚକ୍ରଧରପୁର ଟିମ୍‌ର ସତ୍ୟବ୍ରତ ପ୍ରଧାନ ୩ ଓ ସଂଗ୍ରାମ ସାହୁ ୨ ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ନିକୁଞ୍ଜ ବେହେରା ଓ ସୋମ୍ୟ ସିଦ୍ଧାର୍ଥ ମହାନ୍ତି ପରିଚାଳନା କରିଥିଲେ। ବ୍ଲକ ଅଧକ୍ଷ ତଥା କେଡିଏମ୍ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷା ବିଶ୍ୱବିଜୟିନୀ ମିଶ୍ର, ଉତ୍କଳମଣି ଦାସ, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା ଓ ଜିଲାପରିଷଦ ସଭ୍ୟ ଭାଗ୍ୟଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ଏହି ଖେଳପଡ଼ିଆରେ ୨ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍ ଏଣ୍ଡଳବା ଟିମ ସହିତ କାବାଟବନ୍ଧ ଓ ଦ୍ୱିତୀୟ ମ୍ୟାଚ୍ ରେଖିଦେଇପୁର ସହିତ ତାଳଜଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

### ଜାରକାରେ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ କାର୍ଯ୍ୟାଳୟ ପାଇଁ ଜମି ଚିହ୍ନଟ

ଧର୍ମଶାଳା,୨୧।୧୨(ଡି.ଏନ.ଏ.): ଯାଜପୁର ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଧର୍ମଶାଳା ବ୍ଲକ ଅଧୀନ ଜାରକାନିକଟସ୍ଥ କୁମାରୀ ମୌଜାରେ ଜମି ଚିହ୍ନଟ କରାଯାଇଛି। ଏଥିସହିତ କାର୍ଯ୍ୟ ଆରମ୍ଭ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏ ସମ୍ପର୍କରେ ଧର୍ମଶାଳା ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ସୂଚନା ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଜାରକା ବଜାରରେ ଉତ୍ପାତ କରୁଥିବା ମହିଳା ଗିରଫ

ଧର୍ମଶାଳା,୨୧।୧୨(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ଜାରକା ବଜାରରେ ଦୀର୍ଘ ଦିନ ହେଲା ଉତ୍ପାତ କରିଆସୁଥିବା ଜଣେ ମହିଳାଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅଞ୍ଚଳର ଝୁନୁବାଳା ବରାଳ। ମହିଳାଜଣକ ବିଭିନ୍ନ ସମୟରେ ସାଧାରଣ ଲୋକଙ୍କୁ ହାଇରାଣ ହରକାତ କରିବା ସହ ମାଡ଼ ମାରିବା ନେଇ ଥାନାରେ ଅଭିଯୋଗ ହୋଇ ଆସୁଥିଲା। ପୋଲିସ ବିଭିନ୍ନ ଅଭିଯୋଗର ଆପୋସ ସମାଧାନ କରିଦେଉଥିଲା। ତେବେ ଝୁନୁବରାଳଙ୍କ ନାମରେ ବାରମ୍ବାର ଅଭିଯୋଗ ଆସିବା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ମଙ୍ଗଳବାର ଜାରକା ମେନମାର୍କେଟ ବଣିକ ସଂଘ ସଭାପତି ଅଶୋକ କୁମାର ସାହୁଙ୍କୁ କୌଣସି କାରଣ ନେଇ ବାଜାରରେ ଝୁନୁବାଳା ମାଡ଼ ମାରିଥିଲେ। ଏନେଇ ଅଶୋକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୬୯୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଝୁନୁବାଳାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନାଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଖବରକାଗଜ ବିକ୍ରେତାରୁ ଗବେଷକ

କୋରେଇ,୨୧।୧୨(ସ୍ୱ.ପ୍ର.): କଥାରେ ଅଛି ଇଚ୍ଛା ଥିଲେ ଉପାୟ ଅଛି। ଯାହାର ଜୀବନରେ କିଛି ହେବା ପାଇଁ ଜିଜ୍ଞାସା ଥିବ, ନିଜକୁ ଗଢି ତୋଳିବାର ସଂକଳ୍ପ ଯାହା ମନରେ ଥିବ, ତା ପାଇଁ ପରିସ୍ଥିତି ଯେତେ ପ୍ରତିକୂଳ ହେଉ ନା କାହିଁକି ତା ମଧ୍ୟରେ ଥିବା ଆତ୍ମବିଶ୍ୱାସ ଓ ଦୃଢ଼ ଇଚ୍ଛାଶକ୍ତି ପାଖରେ ସବୁ କିଛି ହାର ମାନିବ। ଏଭଳି ଏକ ଉଦାହାରଣ ସୃଷ୍ଟି କରିଛନ୍ତି ଯାଜପୁର ଜିଲା କୋରେଇ ବ୍ଲକ କାଚରାସାହି ଗ୍ରାମର ଶୁକଦେବ ସାହୁଙ୍କ ପୁଅ ଚନ୍ଦ୍ରଶେଖର ସାହୁ। ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ପିଏଚ୍‌ଡି ପ୍ରବେଶିକା ପରୀକ୍ଷାରେ ସେ କୃତିତ୍ୱ ଅର୍ଜନ କରିଛନ୍ତି। ଦିନେ ରଗଡ଼ି ଅଞ୍ଚଳରେ ଜଣେ ଖବରକାଗଜ ବିକ୍ରେତା ଭାବେ କାର୍ଯ୍ୟ କରି ନିଜର ଶିକ୍ଷାକୁ ଆଗକୁ ନେବାରେ ସଫଳ ହୋଇଥିଲେ। ଘରେ ଏକ ମାତ୍ର ରୋଜଗାର କ୍ଷମ ଭାବେ ପିତାଙ୍କ ଅସୁସ୍ଥତା କାରଣରୁ ପରିବାର ଚଳାଇବାର ବୋଝ ତାଙ୍କ ଉପରେ ଥିଲା। ଅନ୍ୟ ପଟେ ପାଠ ପଢିବା ପ୍ରତି ଥିଲା ପ୍ରବଳ ଆଗ୍ରହ। କ'ଣ କଲେ ଘର ଚଳିବ ଓ ସେ ମଧ୍ୟ ପାଠ ପଢି ପାରିବେ ଏହା ଭାବି ଖବରକାଗଜ ବିକ୍ରି ବୃତ୍ତିକୁ ଆପଣାଇଥିଲେ। ସକାଳୁ ଖବରକାଗଜ ବିକ୍ରି କାମରେ ଲାଗି ପରେ ନିତ୍ୟ କର୍ମ ସାରି ନିକଟସ୍ଥ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ପରେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ହାସଲ କରିଥିଲେ। ଏବେ ଗବେଷଣା କ୍ଷେତ୍ରରେ ନିଶ୍ଚିତ ଆଗକୁ ଯିବେ ବୋଲି ଚନ୍ଦ୍ରଶେଖର ଆଶାବ୍ୟକ୍ତ କରିଛନ୍ତି। ତାଙ୍କ ସଂଘର୍ଷମୟ ଯାତ୍ରାର ସଫଳତା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଲହରି ଖେଳିଯାଇଛି।

**ପିଏଚ୍‌ଡି ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କଲେ ଚନ୍ଦ୍ରଶେଖର ସାହୁ**



## ୧୦୩ଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

କାଳିଆପାଣି,୨୧।୧୨(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ତହସିଲ ଅଧୀନ ଚିଙ୍ଗୁଡିପାଳ ପଞ୍ଚାୟତ ନାଟୋର ମୌଜାରେ ୧୦୩ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ। ଏଥିସହିତ ଆଗାମୀ ଦିନରେ ଅଞ୍ଚଳର ସମସ୍ତ ଭୂମିହୀନ ଆଦିବାସୀଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ କରିବା ପାଇଁ ପ୍ରାୟସ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଜଙ୍ଗଲ ଜମି ପଟ୍ଟା ପାଇଁ ପ୍ରଚେଷ୍ଟା କରିଆସୁଥିବା ସୁକିନ୍ଦା ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ ପଟ୍ଟାବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଦମୟନ୍ତି ସାହୁ, ସୁକିନ୍ଦା ବ୍ଲକ୍ ଅଧକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ୩୭ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜେମା ଚାଖି, ଚିଙ୍ଗୁଡିପାଳ ସରପଞ୍ଚ ଅଞ୍ଜଳି ପ୍ରଧାନ, ପୂର୍ବତନ ସୁକିନ୍ଦା ବ୍ଲକ ଉପାଧକ୍ଷ ବିବେକାନନ୍ଦ ବୋଷ ଓ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ଉପସ୍ଥିତ ଥିଲେ। ନାଟୋର ଗ୍ରାମର ଏହି ପରିବାର ଦୀର୍ଘଦିନ ହେବ ଜଙ୍ଗଲରେ ଘର କରିବା ସହ ସେଠାରେ ଚଳିଆସୁଥିଲେ। ସରକାରଙ୍କ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ସୁକିନ୍ଦା ବ୍ଲକର ଅନ୍ୟ ଅଞ୍ଚଳରେ ମିଳିଥିବା ବେଳେ ନାଟୋର ଗ୍ରାମବାସୀଙ୍କୁ ତାହା ମିଳି ପାରି ନ ଥିଲା। ଏହାକୁ ନେଇ ବିଗତ ପଞ୍ଚାୟତ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇ ଧାରଣାରେ ବସିଥିଲେ। ସ୍ଥାନୀୟ ବିଧାୟକ ତଥାମନ୍ତ୍ରୀ ଘଡ଼ାଇ ସେତେବେଳ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଧାରଣାରୁ ଓହରି ଯାଇଥିଲେ।


ମନ୍ତ୍ରୀ ଗ୍ରାମବାସୀଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି।

## ଟିଏସ୍‌ଏଫ୍ ପକ୍ଷରୁ ଅରୁଣିମା ଶୁଭାରମ୍ଭ

■ ୫୩୮ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅରୁଣିମା ବୃତ୍ତି

■ ୩୯ ଜଣଙ୍କୁ ଟାବଲେଟ୍ ପ୍ରଦାନ

କାଳିଆପାଣି,୨୧।୧୨(ଡି.ଏନ.ଏ.)

ଟାଟାଷ୍ଟିଲ ଫାଉଣ୍ଡେଶନ୍(ଟିଏସ୍‌ଏଫ୍) ପକ୍ଷରୁ ବୁଧବାର ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ ସୁକିନ୍ଦା କଲେଜ ପରିସରରେ ଅରୁଣିମାର ୭ମ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗର କାର୍ଯ୍ୟ କ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଲୋକମାନଙ୍କୁ ସାମିଲ କରାଯାଇଛି। ଆର୍ଥିକସ୍ତରରେ ଅନଗ୍ରସର ଅନୁସୂଚୀତଜାତି ଓ ଜନଜାତି ପରିବାରର ୫୩୮ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତିରେ ସମ୍ମାନିତ କରାଯାଇଛି। ମେଧାବୃତ୍ତି ଅନ୍ତର୍ଗତ ଛାତ୍ରୀଛାତ୍ରମାନଙ୍କୁ ମୋଟ ୬୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାବ୍ୟତୀତ ପ୍ରବେଶିକା ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩୯ ଜଣ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପାଠପଢାରେ ସହାୟତା ପାଇଁ ଟାବଲେଟ୍ ଯୋଗାଇ ଦିଆଯାଇଛି।

ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଗ୍ରାମୀଣ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶାର କ୍ୟାନେଲମ୍ୟାନ୍ ଭାବେ ପରିଚିତ ପଦ୍ମଶ୍ରୀ ଦୈତାରୀ, ସୁକିନ୍ଦା ବ୍ଲକ୍ ଅଧ ଦିବ୍ୟ ରଞ୍ଜନ ବରାଳ, ଉପାଧକ୍ଷା ବିଜୟଲକ୍ଷ୍ମୀ ରାଉତ, ଟାଟାଷ୍ଟିଲ ଓଡ଼ିଶା ସିଏସ୍‌ଆର ବିଭାଗ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ଟାଟାଷ୍ଟିଲ ଟ୍ରାଇବାଲ ଆଇଡେନ୍‌ଟିଟି ବିଭାଗ ମୁଖ୍ୟ ଜିରେନ୍ ଜେଭିୟର ଟପ୍‌ନୋ, ଟିଏସ୍‌ଏଫ୍ ସୁକିନ୍ଦା ଶାଖା ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଓ ଟିଏସ୍‌ଏଫ୍ କଳିଙ୍ଗନଗର ଶାଖା ମୁଖ୍ୟ ଆଲେନ୍ ଜୋସେଫ୍ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଘଡେଇ ମେଧାବୀ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ପାଇଁ ଟାଟାଷ୍ଟିଲ ଫାଉଣ୍ଡେଶନ୍‌ର ନିରନ୍ତର ଉଦ୍ୟମକୁ ପ୍ରଶଂସା କରି ଏହି ବୃତ୍ତିର ସଦୁପଯୋଗ କରିବା ସହ ମନଦେଇ ପାଠ ପଢିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଅରୁଣିମାରେ ଜଳସଂରକ୍ଷଣ ଓ ଏହା ସମ୍ପର୍କିତ ବିଷୟ ଉପରେ ଆଲୋଚନା କରାଯିବା ସହିତ ଏକ ସମ୍ମିଳିତ ଏବଂ ଦୀର୍ଘସ୍ଥାୟୀ ଦୃଷ୍ଟିକୋଣ ଗ୍ରହଣ କରାଯିବ। ସ୍ଥାନୀୟ ଅଞ୍ଚଳରେ ଜଳସମ୍ପର୍କିତ ବିଭିନ୍ନ ମାମଲାର ସ୍ଥାୟୀ ସମାଧାନ ପ୍ରକ୍ରିୟାରେ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅମ୍ବିକା ପ୍ରସାଦ ନନ୍ଦ ସୂଚନା ଦେଇଥିଲେ। ଅରୁଣିମାର ଚଳିତ ସଂସ୍କରଣ ୩ଟି ଉପାଦାନ ଯଥା ଜ୍ୟୋତି ମେଧାବୃତ୍ତି, ମହିଳା ଉଦ୍ୟୋଗୀ ସମ୍ମିଳନୀ ଏବଂ କୃଷି ପ୍ରଣାଳୀ ଉପରେ ଚାଷୀ ସମାବେଶକୁ ନେଇ ଆୟୋଜିତ ହେଉଛି। ଗତ ୩ ବର୍ଷ ଭଳି ଚଳିତ ବର୍ଷ ମଧ ପର୍ଯ୍ୟାବରଣରେ ଜଳ ଉପରେ ଗୁରୁତ୍ୱାରୋପ କରି ଅରୁଣିମା ୨୦୨୨ର ବିଷୟବସ୍ତୁ ଭାବେ ନିଆଯାଇଛି। ଜାତିସଂଘ ପକ୍ଷରୁ ୨୦୧୮–୨୮କୁ ଜଳକାର୍ଯ୍ୟ ଦଶନ୍ଧି ଭାବେ ଘୋଷଣା କରାଯିବା ମିଶନରୁ ପ୍ରୋତ୍ସାହିତ ହୋଇ ଅରୁଣିମା ପକ୍ଷରୁ ଉକ୍ତ ବିଷୟ ବସ୍ତୁକୁ ଗ୍ରହଣ କରାଯାଇଛି। ସମ୍ମିଳନୀରେ ଯୁବବର୍ଗ, ପରିବର୍ତ୍ତନକାରୀ, ସ୍ଥାନୀୟ ନେତୃବର୍ଗ, ଚିନ୍ତାଶୀଳ ଏବଂ ବିଶେଷଜ୍ଞ ଏକତ୍ରିତ ହେବା ସହିତ ସଂରକ୍ଷଣ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ଆଗେଇ ନେବେ ବୋଲି ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।



ଅରୁଣିମା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# କ୍ଷତିପୂରଣ ମିଳିନି, ଶ୍ରେୟ ନେବାକୁ ଚାଲିଛି ଉଦ୍ୟମ

**କେନ୍ଦ୍ରାପଡ଼ାରେ ଯାତ୍ରୀବାହୀ ରେଳ ପ୍ରସଙ୍ଗ**

■ ମୌଳିକ ସମସ୍ୟା ଠାରୁ ବହୁ ଦୂରରେ ଅଛନ୍ତି ରାଜନେତା

**କେନ୍ଦ୍ରାପଡ଼ା ଅଫିସ, ୨୧।୧୨**




ଆଗକୁ ସାଧାରଣ ନିର୍ବାଚନ ଆସୁଛି। କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ପଡିବା ଆରମ୍ଭ ହୋଇଛି। ଦଳୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସଙ୍ଗଠନକୁ ମଜଭୁତ ପାଇଁ ପ୍ରୟାସ ଚାଲିଛି। ଜିଲାର ଆର୍ଥିକ ବୃଦ୍ଧି ପାଇଁ କୃଷି, ଶିଳ୍ପ ପ୍ରତି ଧ୍ୟାନ ଦେବା ସହ କ୍ଷେତକୁ ଜଳ ପରିଚାଳନା, ସବୁ ପଞ୍ଚାୟତକୁ ରାସ୍ତା, ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ପରି ମୌଳିକ ସମସ୍ୟା ଉତ୍କଟ ହୋଇଛି। ତେବେ ଏହାର ସମାଧାନ ଅପେକ୍ଷା କେନ୍ଦ୍ରପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଗଡିବା ଏବେ ପ୍ରସଙ୍ଗ ହୋଇଛି। ରେଳ ପାଇଁ ଜମି ହରାଇଥିବା ଲୋକଙ୍କୁ ଅଦ୍ୟାବଧି କ୍ଷତିପୂରଣ ମିଳିନାହିଁ। ରେଳପଥ ପାଇଁ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ତୃଣମୂଳ ସ୍ତରର ଏହି ସମସ୍ୟା ରାଜନେତା ଅଣଦେଖା କରି ଯାତ୍ରୀବାହୀ ରେଳ ଚଳାଚଳର ଦଳୀୟ ଶ୍ରେୟ ପାଇଁ ଉଦ୍ୟମ ହେଉଛି। ଅପରପକ୍ଷେ ଯାତ୍ରୀବାହୀ ରେଳ ଚଳାଇବା ସ୍ୱପ୍ନ ଦେଖାଇ ଗତ ୩ଟି ସାଧାରଣ ନିର୍ବାଚନରେ ଏମ୍‌ପି ବିଜୟୀ ହୋଇଥିଲେ ମଧ୍ୟ ପ୍ରତିଶ୍ରୁତି ପାଣି ଫୋଟକା ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଗଣେଶ ଚନ୍ଦ୍ର ସାମଲ, ନୀହାର ରଞ୍ଜନ ପ୍ରଧାନ, ଶିବାଶିଷ ମହାନ୍ତି, ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ହରିଦାସପୁର-ପାରାଦୀପ ରେଳପଥ ପାଇଁ ୧୯୯୮ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଫାଟକ ବିହୀନ ଏହି ରେଳପଥ ନିର୍ମାଣ ପାଇଁ ସମ୍ପ୍ରତି ରେଳ ବିକାଶ ନିଗମ ଲିମିଟେଡ ୨୯ ପ୍ରତିଶତ, ସାଗରମାଳା ଡେଭଲପମେଣ୍ଟ କମ୍ପାନୀ ଲିମିଟେଡ ୨୭ ପ୍ରତିଶତ, ରାଜ୍ୟ ସରକାର ୧୯ ପ୍ରତିଶତ, ଓଡିଶା ମାଇନିଂ କର୍ପୋରେଶନ ଲିମିଟେଡ ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ୧୭.୬୧ ପ୍ରତିଶତ, ବିଭିନ୍ନ ଖଣି ଓ ଇସ୍ପାତ କମ୍ପାନୀ ଅଂଶୀଦାର ଅଛନ୍ତି। ପୂର୍ବରୁ ଏହି ସ୍ପେଶାଲ ପର୍ପୋଜ ଭେହିକଲ (ଏସ୍‌ପିଭି)ରେ ଥିବା ପୋସ୍କୋ ଓହରି ଯାଇଛି। ପାରାଦୀପ ପୋର୍ଟ ସହ ବିଭିନ୍ନ ଖଣି ଅଞ୍ଚଳକୁ ଯୋଡି ପଣ୍ୟ ପରିବହନ ପାଇଁ ଏହି ରେଳପଥ ନିର୍ମାଣ ହୋଇଥିଲା। କେନ୍ଦ୍ରାପଡା ଜିଲାର ୩୯ କିଲୋମିଟର ରେଳପଥ ପାଇଁ ଡେରାବିଶ, କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୪୭ଟି ଗ୍ରାମର ମୋଟ ୮୨୭.୬୨୦ ଏକର ଜମି ଅଧିଗ୍ରହଣ ହୋଇଛି। ସେହିପରି ରେଳପଥ ମଧ୍ୟରେ ଥିବା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଜମି ଅଧିଗ୍ରହଣ ସମୟରେ ମୋଟ ୧୮୬୦ଟି କ୍ଷତିପୂରଣ ମାମଲା ଆଗକୁ ଆସିଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ୮୪୬ ମାମଲା ଥିଲା। ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାର ୩୭୩ଟିରୁ ୩୩୫ଟି ମାମଲା ଶେଷ ହୋଇଥିବା ବେଳେ ୩୮ ମାମଲା କୋର୍ଟରେ ଅଛି। ବଳକା ୪୭୩ ମାମଲା ମଧ୍ୟରୁ ୪୧୬ ମାମଲାରେ ରେଳ କର୍ତ୍ତୃପକ୍ଷଙ୍କ ତୃଣମୂଳସ୍ତରର ଉଦ୍ୟମ ଜାରି ରହିଛି। ଜମି ବାବଦ କ୍ଷତିପୂରଣ ପାଇଁ ନ ଥିବା ଲୋକଙ୍କ ସ୍ୱର ଏହି ରାଜନେତାମାନେ କେବେ ଉଠାଇନାହାନ୍ତି। ସେହିପରି ଫାଟକ ବିହୀନ ରେଳପଥ ପାଇଁ ଭୂମିସ୍ତରଠାରୁ ୧୫ ଫୁଟ ଉଚ୍ଚ ନିର୍ମାଣ ହୋଇଛି। ମାତ୍ର ନିୟମିତ ସାଇଫନ ନ ଥିବାରୁ ଚାଷୀଙ୍କ ଜଳ ନିଷ୍କାସନ ଓ ସେଚନ ଏକ ସମସ୍ୟା ହୋଇଛି। ରେଳପଥ କାରଣରୁ ଏହି ଜିଲାରେ ହେବାକୁ ଥିବା ଥର୍ମାଲ ପାୱାର ପ୍ଲାଣ୍ଟ ନିର୍ମାଣ ହୋଇପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ଅନୁଦାନ, ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ସବୁ ଦଳୀୟ ନେତାଙ୍କ ଢେର ଅଧିକ ଉଦ୍ୟମ ଅଛି। ଏହି ରେଳପଥ ପ୍ରାରମ୍ଭିକ ସମୟରେ ପଣ୍ୟ ପରିବହନ ପାଇଁ ନିର୍ମାଣ ହୋଇଥିଲେ ମଧ୍ୟ ଯାତ୍ରୀବାହୀ ରେଳ ଚଳାଚଳ ହେବ ବୋଲି ସଂସଦରେ ଆଲୋଚନା ହୋଇଛି। ଏପରିକି ଗତ ଅକ୍ଟୋବର ୩ରେ ଉତ୍କଳମଣି ଯୁବକ ସଂଘ ଆବାହକ ଗୌତମ ବେହେରାଙ୍କୁ ପାରାଦୀପରୁ କେନ୍ଦୁଝର ପର୍ଯ୍ୟନ୍ତ ଏକ ମେମୁ ଟ୍ରେନ୍ ଚାଲିବା ପାଇଁ ପ୍ରକ୍ରିୟା ଜାରି ରହିଥିବା ଡେପୁଟି ଚିଫ୍ ଅପରେସନ୍ସ ମ୍ୟାନେଜର ଡିଆର ପାଉଲ ଚିଠି (ନଂ. ୯୫/୨୨)ରେ ଦର୍ଶାଇଛନ୍ତି। ଏହାସତ୍ତ୍ୱେ ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ରାଜନେତା ଶ୍ରେୟ ପାଇଁ କସରତ ଆରମ୍ଭ କରି ଦେଇଛନ୍ତି। ଅପରପକ୍ଷରେ ଜିଲାରେ ଥିବା ବହୁ ମୌଳିକ ସମସ୍ୟା ସମାଧାନ ପାଇଁ ଦଳୀୟ ନେତା ଆଗଭର ହେଉନାହାନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ଫଳପ୍ରଦ ନ ହେବାରୁ ଜିଲାରେ କର୍ମନିଯୁକ୍ତି ଓ ଆର୍ଥିକ ବିକାଶ ସମସ୍ୟା ହୋଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

# ପ୍ରଥମ ଅଡିଶନରେ ସାମିଲ ହେଲେ ୬୩ କଳାକାର

**କଳାକାର ସହାୟତା ଯୋଜନା**


ଅଡିଶନର ଚୟନ କାର୍ଯ୍ୟକ୍ରମରେ ବିଚାରକଙ୍କ ଆଗରେ ଜଣେ କଳାକାର ଅଭିନୟ କରୁଛନ୍ତି।

**ପଟ୍ଟାମୁଣ୍ଡାଇ,୨୧।୧୨ (ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ମଙ୍ଗଳବାର ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟର ସଭାଗୃହରେ କଳାକାର ଚୟନ ପ୍ରକ୍ରିୟା ବିଡିଓ ଭରତ ଚନ୍ଦ୍ର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ସହାୟତା ପାଇଁ ଗାଁ ଗହଳିରୁ କଳାକାର ମାନେ ଆସି ବିଭିନ୍ନ କଳା ପ୍ରଦର୍ଶନ କରି ନିଜର ପ୍ରତିଭା ଦେଖାଇଥିଲେ । ଏହି ଯୋଜନା ରେ କଳାକାରମାନଙ୍କୁ ମାସିକ ୧୨ଶହ ଟଙ୍କା ଲେଖାଏଁ ଭତ୍ତା ଦିଆଯିବା ବ୍ୟବସ୍ଥା ରହିଛି । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ଗ୍ରାମ ପଞ୍ଚାୟତ ମଧ୍ୟରୁ ୮ ପଞ୍ଚାୟତରୁ ସମୁଦାୟ ୭୦ ଜଣ କଳାକାର ସହାୟତା ଯୋଜନା ପାଇଁ ଆବେଦନ କରିଥିବା ବେଳେ ୬୩ ଜଣ କଳାକାର ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଭତ୍ତା ପାଇଁ ଯୋଗ୍ୟତା ଚୟନ ପ୍ରକ୍ରିୟାର ଆଜି ଥିଲା ପ୍ରଥମ ଦିନ। ଏହି ଅଡିଶନ ୫ ଦିନ ଚାଲିବ। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୩୧ ପଞ୍ଚାୟତରୁ ବିଭିନ୍ନ ପର୍ଯ୍ୟାୟରେ କଳାକାର ଆସି ନିଜ ନିଜ ପ୍ରତିଭା ପ୍ରଦର୍ଶିତ କରି ଯୋଗ୍ୟତା ପ୍ରତିପାଦନ କରିବାକୁ ସୁଯୋଗ ଦିଆ ଯିବ ବୋଲି ବିଡିଓ ପରିଡା କହିଛନ୍ତି। ଏହି ଚୟନ ପ୍ରକ୍ରିୟାରେ ବିଚାରକ ଭାବେ ପାଲା ଗାୟକ ଦଉହରି ପଣ୍ଡା, ସଙ୍ଗୀତ ଶିକ୍ଷକ ରବିନ୍ଦ୍ର ନାଥ ମିଶ୍ର,ପ୍ରମୋଦ କୁମାର ଦାଶ , କଣ୍ଠଶିଳ୍ପୀ ପ୍ରକାନ୍ତ କୁମାର ମହାରଣା,ଏବିଡିଓ ସନ୍ତୋଷ ମନ୍ତ୍ରୀ ଓ ସସ୍ମିତା ଖଟୁଆ ପ୍ରମୁଖ ଅଛନ୍ତି ।

# ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ମାର୍ଶାଘାଇ,୨୧।୧୨(ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦଶୀପୁର ଆଦର୍ଶ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବକୁ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ତନ୍ମୟ କୁମାର ବେହେରା ଓ ସରପଞ୍ଚ ବିକ୍ରମ କେଶରୀ ଦାଶ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ବାର୍ଷିକ କ୍ରୀଡ଼ାରେ ଦୌଡ, ଜାଭେଲିନ ଥ୍ରୋ, ଡ଼ିସକସ୍ ଥ୍ରୋ, ସଟ୍‌ପୁଟ୍, ଉଚ୍ଚ ଡିଆଁ ଭଳି ୮ଟି ବିଭାଗରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସରେ ଅଭିନୟ ମାଧ୍ୟମରେ ଛାତ୍ରୀଛାତ୍ରମାନେ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ପ୍ରଧାନ ଶିକ୍ଷକ କୈଳାସ ପରିଡା, ଶିକ୍ଷକ ଅକ୍ଷୟ ରାଉତ, ମନୋଜ ଜେନା, ପାର୍ବତୀ ସାହୁ, ଶରତ ଆଚାର୍ଯ୍ୟ, ଉମେଶ ବାହାଲିଆ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରୋଦ ରାଉତ ଖେଳ ପରିଚାଳନା କରିଥିଲେ ।



ମାର୍ଶାଘାଇ ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋଉତ୍ସବରେ ଅତିଥିମାନଙ୍କ ସହ ପିଲାମାନେ।

# ୩ ବ୍ୟବସାୟୀଙ୍କ ଘର, ଅଫିସରେ ଆୟକର ବିଭାଗର ଚଢ଼ାଉ

**ରାଜନଗର, ୨୧।୧୨ (ଡି.ଏନ.ଏ.)**


ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଲଚୁଆଠାରେ ବୁଧବାର ଭୋର ୫ଟାରୁ ୩ଜଣ ବ୍ୟବସାୟୀଙ୍କ ଅଫିସ ଓ ଘରେ ଆୟକର ବିଭାଗ ପକ୍ଷରୁ ଚଢାଉ ଜାରି ରହିଛି। ଏହି ଚଢାଉ ତାଲଚୁଆ ଅଞ୍ଚଳର ବ୍ୟବସାୟୀ ମଦନ ଦେବନାଥ, ଅମଲ ପ୍ରଧାନ ଓ ସୁଜେଶ ମଣ୍ଡଳଙ୍କ ଘର ଓ ଅଫିସ ଉପରେ ହୋଇଛି। ସକାଳୁ ଆୟକର ବିଭାଗର ଗାଡି ତାଲଚୁଆ ଅଞ୍ଚଳରେ ଚକ୍କର କାଟିଥିଲା। ଲୋକେ ଉଠିବା ପୂର୍ବରୁ ଏହି ୩ ବ୍ୟବସାୟୀଙ୍କ ଘର, ଅଫିସ ଓ ଆଇସ ଫ୍ୟାକ୍ଟ୍ରିରେ ଆୟକର ବିଭାଗ ଟିମ୍ ପହଞ୍ଚି ସାରିଥିଲା। ସବୁଠି ପୋଲିସ ବାହାରେ ଜଗି ରହିଥିବା ବେଳେ ଭିତରେ ଆୟକର ବିଭାଗ ପକ୍ଷରୁ ଯାଞ୍ଚ ଜାରି ରହିଛି।

ଆୟକର ବିଭାଗର ଭୁବନେଶ୍ୱର ଟିମ୍ ପ୍ରାୟ ୮ଟି ଗାଡିରେ ତାଲଚୁଆରେ ପହଞ୍ଚି ଏହି ଚଢାଉ କରିଛନ୍ତି। ମଦନ ଦେବନାଥଙ୍କର ଟ୍ରଲର, ଆଇସ ଫ୍ୟାକ୍ଟ୍ରି, ଚିଙ୍ଗୁଡି ଦାନା, ଔଷଧ ବ୍ୟବସାୟ ରହିଛି। ଦେବନାଥଙ୍କ ଘରେ, ଅଫିସ ଓ ଆଇସ ଫ୍ୟାକ୍ଟ୍ରିରେ ଦିନ ତମାମ ଚଢାଉ କରାଯାଉଛି। ଅମଲ ପ୍ରଧାନଙ୍କ ଟ୍ରଲର ସହ ଆଇସ ଫ୍ୟାକ୍ଟ୍ରି ରହିଛି। ତାଙ୍କର ଘେରି ସହିତ ଚିଙ୍ଗୁଡି ଦାନା ଏବଂ ଔଷଧ ବ୍ୟବସାୟ ଚାଲିଛି। ତାଙ୍କ ଘର ଓ ଅଫିସରେ ତନଖ୍ ଜାରି ରହିଛି। ତାଲଚୁଆର ସୁଜେଶ ମଣ୍ଡଳଙ୍କ ଘରେ ଆୟକର ବିଭାଗ ଚଢାଉ କରିଛି। ସୁଜେଶଙ୍କ ଟ୍ରଲର ସହ ଚିଙ୍ଗୁଡି ଘେରି ରହିଛି। ଚିଙ୍ଗୁଡି ଦାନା ଓ ଔଷଧ ମଧ୍ୟ ବ୍ୟବସାୟ କରନ୍ତି। ସୁଜେଶଙ୍କ ଘରେ ତାଙ୍କର ସମସ୍ତ ହିସାବ ପତ୍ରର ତନଖ୍ କରାଯାଉଛି। ଏପରି କି ସୁଜେଶଙ୍କ ମୂଳଘର ଗୋପାଳଜୀଉପାଟଣାରେ ପହଞ୍ଚି ମଧ୍ୟ ଆୟକର ଟିମ ଛାନ୍‌ଭିନ କରିଛି।

ସେମାନଙ୍କ ଘରେ ଆୟକର ବିଭାଗର ଚଢାଉ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଆୟକର ବିଭାଗ କାହିଁକି ଚଢାଉ କରୁଛି, ଚଢାଉ ସମୟରେ କ'ଣ ମିଳିଲା, କେତେ ସମୟ ଯାଏଁ ଚଢାଉ ଜାରି ରହିବ, ସେ ନେଇ ଆୟକର ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ସମସ୍ତ ତନଖ୍ ସରିଲେ ଭୁବନେଶ୍ୱରରେ ରିପୋର୍ଟ ଦିଆଯିବ ବୋଲି ଛାନ୍‌ଭିନ୍ କରୁଥିବା ଜଣେ ଅଧିକାରୀ କହିଛନ୍ତି। ଏହି ଚଢାଉ ସମୟରେ କୌଣସି ଲୋକଙ୍କୁ ୩ ବ୍ୟବସାୟୀଙ୍କ ଘର କି ଅଫିସକୁ ଛଡା ଯାଉ ନ ଥିଲା। ରିପୋର୍ଟ ଲେଖା ହେବା ଯାଏଁ ଚଢାଉ ଜାରି ରହିଛି।

# ରାଜନୀତିରେ ସାମ୍ପ୍ରଦାୟିକତା, ପୁଞ୍ଜିବାଦୀ ବ୍ୟବସ୍ଥାକୁ ବିରୋଧ



ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଓ ଅନ୍ୟମାନେ।

**ସିପିଆଇ ସାଧାରଣ ପରିଷଦ ବୈଠକ**

**କୁଜଙ୍ଗ,୨୧।୧୨ (ଡି.ଏନ୍.ଏ.)**

ଏରସମା ବ୍ଲକ୍ ବାଲିତୁଠ କଦମ୍ବ ମଠଠାରେ ସିପିଆଇ ବାଲିତୁଠ ଜୋନାଲ କମିଟିର ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଯୋଗଦେଇ ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ ରାଜନୀତିରେ ସାମ୍ପ୍ରଦାୟିକତାବାଦ ଓ ସମାଜରେ ପୁଞ୍ଜିବାଦୀ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ଆଗାମୀଦିନରେ କମ୍ୟୁନିଷ୍ଟ ପାର୍ଟି ଏକତାବଦ୍ଧ ହୋଇ ଏ ସମସ୍ତ ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ସିପିଆଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପଡ଼ିହାରୀ ଯୋଗଦେଇ ପାର୍ଟି ସମାଜର ଅବହେଳିତ ଓ ଗରିବ କୃଷକଙ୍କ ସ୍ୱାର୍ଥ ପାଇଁ ସବୁ ସମୟରେ ଲଢ଼େଇ କରି ଆସିଛି ଓ ଆଗକୁ ଏ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ। ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଅଜୟ ବେହେରା, ରାଜ୍ୟ କୃଷକ ସଭା ସମ୍ପାଦକ ପୀତାମ୍ବର ଦାସ, ବାଲିତୁଠ ଜୋନ୍ ସମ୍ପାଦକ ରାମଚନ୍ଦ୍ର ମୁଦୁଲି ଓ ଧ୍ରୁବ ଚରଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବାସୁଦେବ ଖଣ୍ଡୁଆଳ, ପ୍ରଭାତ ଦାସ, ମହେନ୍ଦ୍ର ଜେନା ଓ ହୃଷୀକେଶ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତରିପାଟଣା ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ଆଳି,୨୧।୧୨(ଡି.ଏନ.ଏ.)**



ଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତରେ ଥିବା ତରିପାଟଣା ୟୁଜିୟୁପି ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ଗ୍ରାମରେ ଥିବା ମା'ରୁଣା ଦେବୀ ମନ୍ଦିର ପ୍ରାଙ୍ଗଣରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ଦାସ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟରେ ପାଠ ପଢୁଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଶିକ୍ଷକ ଗୌରାଙ୍ଗ ଦାସ, ସସ୍ମିତା ଲେଙ୍କା, ମଧୁସୂଦନ ବଳ, ଶିଳ୍ପୀକା ଦାସ, ସ୍କୁଲ କମିଟି ସଭାପତି ଅରୁଣ ରାଉତ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡାର ଉପକାରିତା ବିଷୟରେ କହିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ରଘୁନାଥପୁର,୨୧।୧୨(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଗୁରୁ ନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରାନ୍ତଧର୍ମ ଜାଗରଣ ସଂସ୍କୃତି ପ୍ରମୁଖ ଡ. ଶ୍ରୁତିସାଗର ସରସ୍ୱତୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତିର ପ୍ରତିଟି ସୋପାନରେ ବିଜ୍ଞାନର ବାସ୍ନା ଭରି ରହିଛି ବୋଲି ଡ. ସରସ୍ୱତୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଏସ୍‌ଭିଏମ୍ କଲେଜ ସଂସ୍କୃତ ବିଭାଗର ମୁଖ୍ୟ ଡ. ବିଜୟ କୁମାର ବିଶ୍ୱାଳ ଯୋଗଦେଇ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାମନ୍ଦିରର ସମ୍ପାଦକ ବ୍ରଜେନ୍ଦ୍ର କୁମାର ମହାନ୍ତି ବହୁ ଉପାଦେୟ ପରାମର୍ଶ ରଖିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଦିବଙ୍ଗତ ପ୍ରଦ୍ୟୁମ୍ନ ଗୁରୁଜୀଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ପରିବାରକୁ ୨ଲକ୍ଷ ୮୭ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

ଏହି ଅବସରରେ କ୍ରୀଡା, ବୃତ୍ତି ପରୀକ୍ଷା ଓ ପଠାଣି ସାମନ୍ତ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ୬୭ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ବିଦ୍ୟା ମନ୍ଦିରର ପୁରାତନ ଛାତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନି ଲେଖି ପ୍ରଶଂସା ସାଉଁଟୁଥିବା କବି ତେଜସ୍ୱିନୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନିର୍ମଳେନ୍ଦୁ ସୋମ ଧନ୍ୟବାଦ ଦେଇଥିଲେ। ବିଶ୍ୱନାଥ ଦାସ, ନରୋତ୍ତମ ମହାପାତ୍ର, ବିଷ୍ଣୁପ୍ରିୟା ଜେନା ଓ ସସ୍ମିତା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କମିଟିର ସଦସ୍ୟ, ଗୁରୁଜୀ ଗୁରୁମା ଓ ଅଭିଭାବକମାନେ ଉପସ୍ଥିତ ଥିଲେ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ୭ ଦିନରେ ଧାନମଣ୍ଡି ନ ଖୋଲିଲେ ଆନ୍ଦୋଳନ

**ଭାଜପା ଜିଲା ଶାଖା ପକ୍ଷରୁ ବିକ୍ଷୋଭ**

■ ଚାଷୀଙ୍କୁ ନିରାଶ କରାଯାଉଥିବାରୁ ବିଲ ପଡିଆ ପଡୁଛି

■ ଏମ୍‌ଏସ୍‌ପି ଦେବାରେ ଅବହେଳା କରୁଥିବା କର୍ମଚାରୀଙ୍କୁ ଦଣ୍ଡ ମିଳୁ

**ଜଗତ୍‌ସିଂହପୁର ଅଫିସ, ୨୧।୧୨**



ବୈଠକ ଭାଜପା ନେତୃମଣ୍ଡଳୀ।

ଉପକୂଳ ଓଡ଼ିଶାର ପାଖାପାଖି ୮୦% ଜମିରୁ ଧାନ ଅମଳ ଏବେ ସୁଦ୍ଧା ସରିଗଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିଲା ନାହିଁ। ସେହିପରି କୃଷକ ନାମ ପଞ୍ଜୀକରଣ ଓ ଅନିୟମିତତା ଚାଲିଛି। କେନ୍ଦ୍ରୀୟ ଟୋକନ ନାମରେ ଚାଷୀଙ୍କୁ ବିଭିନ୍ନ ସମୟରେ ନିରାଶ କରାଯାଉଛି। କଟନୀ-ଛଟନୀ ସାଧାରଣ କଥାରେ ପରିଣତ ହୋଇଗଲାଣି। ଏଭଳି ଅନେକ ତ୍ରୁଟି ଓ ଚାଷୀମାରଣ ନୀତି ରାଜ୍ୟର ଚାଷୀକୁଳଙ୍କୁ ନିରାଶ କରି ଦେଉଛି। ଯେଉଁ କାରଣରୁ ଚାଷୀ ଧୀରେ ଧୀରେ ଚାଷ ଆଡୁ ମୁହଁ ବୁଲାଉଥିବାରୁ ବିଲ ପଡିଆ ପଡୁଛି। ଦୀର୍ଘବର୍ଷ ଧରି ରାଜ୍ୟ ସରକାରଙ୍କ ଏଭଳି ମନୋଭାବ ଦାରିଦ୍ର୍ୟତାକୁ ବଢାଇ ଚାଲିଛି। ବୁଧବାର ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବିକ୍ଷୋଭରେ ଏହା କୁହାଯାଇଛି। ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା ଓ କର୍ମୀ ରାଜ୍ୟ ସରକାରଙ୍କ ବିରୋଧରେ ନାରା ଦେବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ପ୍ରତି ଜିଲା ଓ ବ୍ଲକରେ ଏମ୍‌ଏସ୍‌ପି ଉପରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ। ଚାଷୀ ମୁଣ୍ଡପିଛା ସର୍ବାଧିକ ୬୦ କୁଇଣ୍ଟାଲ ଧାନ ବିକ୍ରି କରିବାର ନିଷ୍ପତ୍ତିକୁ ରଦ୍ଦ କରି ଏହି ସୀମା ବୃଦ୍ଧି କରାଯାଉ। ଅଣଜଳସେଚିତ ପାଇଁ ୨୨ ଓ ଜଳସେଚିତ ଜମିରୁ ୨୮ କୁଇଣ୍ଟାଲ ଧାନ ସଂଗ୍ରହ ଲିମିଟ ଧାର୍ଯ୍ୟ କରାଯାଉ। ବସ୍ତା ଓ ସୁତୁଲି ପଇସା ଚାଷୀଙ୍କୁ ଦିଆଯାଉ।

ସବୁଠୁ ବଡ କଥା ହେଲା ଯେଉଁ କର୍ମଚାରୀମାନେ ଚାଷୀଙ୍କୁ ଏମ୍‌ଏସ୍‌ପି ଦେବାରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ଧାନ ମଣ୍ଡିଗୁଡିକର କୁପରିଚାଳନା ଯୋଗୁ ଦଲାଲମାନେ ସକ୍ରିୟ ହେଉଥିବାରୁ ଏହାକୁ ରୋକାଯାଉ। ବିକ୍ଷୋଭରେ ଭାଜପାର ତିର୍ତ୍ତୋଲ ନେତା ରାଜ କିଶୋର ବେହେରା, ଓବିସି ମୋର୍ଚ୍ଚା ସଭାପତି ସୁବୋଧ କୁମାର ବାରିକ, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ଉପସଭାପତି ରୋହିତ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା, ମିଡିଆ ସେଲର ଗଣେଶ ପ୍ରସାଦ ମହାନ୍ତି, ଶାରଳା ମଣ୍ଡଳ ସଭାପତି ରୂପକ ଖୁଣ୍ଟିଆ, ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ଜିଲା ମହିଳା ମୋର୍ଚ୍ଚା ବୈଠକ

**ଜଗତ୍‌ସିଂହପୁର ଅଫିସ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସାରା ଦେଶରେ ଅନେକ ଜନ ମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବା ଜରୁରୀ। ବିଶେଷକରି ଦେଶ ସମୃଦ୍ଧିରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମା' ମାନେ ସ୍ୱାବଲମ୍ବୀ ହେଲେ ସମୃଦ୍ଧି ଆପେ ଆପେ ଆସିବ। ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଦଳ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ହରିୟାଣା ମହିଳା ମୋର୍ଚ୍ଚା ପ୍ରଭାରୀ ନନ୍ଦା ଦଗଲ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ମା' ମାନେ ସେମାନଙ୍କ ମଙ୍ଗଳ ପାଇଁ କୌଣସି ନୂଆ ଯୋଜନା କିମ୍ବା ପ୍ରସ୍ତାବ ଦେଲେ ସେ ଏହାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦଳ ରାଜ୍ୟ ଅନୁସୂଚିତ ଜାତି ସେଲ୍ ସଭାପତି ବିଭୁପ୍ରସାଦ ତରାଇ, ଜିଲା ସଭାପତି, ବାଲିକୁଦାର ଶିବବ୍ରତ ଦାସ, ଦଳ ପୂର୍ବତନ ଜିଲା ସଭାପତି ଉପେନ୍ଦ୍ର ନାଥ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଉପସଭାପତି କଳ୍ପନା ମହାନ୍ତି ସର୍ଜନ ସିଂ ଅତିଥି ପରିଚୟ ଓ ସାଧାରଣ ସମ୍ପାଦିକା ରୋଜାଲିନ ନାୟକ ଧନ୍ୟବାଦ ଦେଇଥିଲେ।

# ଟଙ୍କା ପାଇଁ ଅମ୍ରିତଙ୍କୁ ଟାର୍ଗେଟ

■ ଅପହରଣ ଗୁମର ଖୋଲିଲେ ଏସ୍‌ପି
■ ଅପହରଣରେ ବ୍ୟବହୃତ ଗାଡ଼ି ଜବତ
■ ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତ ଜେଲ୍ ଗଲେ

**ନୟାଗଡ଼ ଅଫିସ/ ଓଡ଼ଗାଁ,୨୧।୧୨(ସ୍ୱ.ପ୍ର.)**

ନୟାଗଡ ଏସ୍‌ପି ଅଲେଖ ଚନ୍ଦ୍ର ପହି ଓଡ଼ଗାଁ ଥାନାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମ୍ରିତ ପାତ୍ର(୧୨)ଙ୍କ ଅପହରଣ ରହସ୍ୟର ଗୁମର ଖୋଲିଛନ୍ତି। କୁରାଳ ପଣ୍ଡିତ ସାହିର ସୁନୀଲ କୁମାର ପାଣିଗ୍ରାହୀ(୧୯) ଓ ଦୁଇ ଭାଇ ଭକ୍ତ ଦର୍ଶନ ପଣ୍ଡା(୨୧) ଓ ସ୍ୱପ୍ନ ପ୍ରସାଦ ପଣ୍ଡା (୧୯) ଅମ୍ରିତଙ୍କୁ କିପରି ଅପହରଣ କରିଥିଲେ ତାହା ଦର୍ଶାଇଛନ୍ତି। ଅପହରଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲ ପଠାଯାଇଛି ବୋଲି କହିଛନ୍ତି।

ଅମ୍ରିତଙ୍କୁ ଅପହରଣ କରିବା ପରେ ଅପହରଣକାରୀ ବିଭିନ୍ନ ସ୍ଥାନ ବୁଲିଥିଲେ। ପରେ କୋମଣ୍ଡ ପାଖରେ ପହଞ୍ଚିଥିଲେ। ଏହି ସମୟରେ ଗାଡ଼ିରୁ ଡିଜେଲ ସରିଯାଇଥିବାରୁ କୋମଣ୍ଡ ଗ୍ରାମରେ ହରିହର ବାରିକଙ୍କୁ ପ୍ରଥମେ ତେଲ ମାଗିଥିଲେ। ହେଲେ ତାଙ୍କ ପାଖରେ ତେଲ ନ ଥିବାରୁ ଏକ ପାଦୁକାଳୟରୁ ଡିଜେଲ କିଣି ଗାଡ଼ିରେ ପକାଇ ଗାଁକୁ ଫେରିଥିଲେ। ହେଲେ ଚଣ୍ଡି ଛକରେ ସୁକାନ୍ତ ଓରଫ ଟୁକୁ ପଣ୍ଡାଙ୍କ ଅବ୍ୟବହୃତ ଗୋଦାମ ଘରେ ୩ ରୁ ୪ ଘଣ୍ଟା କାଳ ଅମ୍ରିତଙ୍କ ମୁହଁ ବନ୍ଦ କରି ବାନ୍ଧି ରଖିଥିଲେ। ଏହି ଗୋଦାମର ଚାବି ସ୍ୱପ୍ନ ପ୍ରସାଦ ପଣ୍ଡାଙ୍କ ପାଖରେ ରହିଥିଲା। ହେଲେ ସେହି ସ୍ଥାନକୁ ସେମାନେ ସୁରକ୍ଷିତ ମନେ ନ କରି ରାତାରାତି ଅମ୍ରିତଙ୍କୁ ସେମାନେ ସେହି ଗାଡ଼ିରେ ହିଁ ତାଙ୍କ ପଡିଶା ଘର ତଥା ସେହି ଟୁକୁ ପଣ୍ଡାଙ୍କ ବନ୍ଦ ଘରକୁ ନେଇଆସିଥିଲେ। ସେହି ଘର ସାମାନ ଖାଲିସ୍ଥାନକୁ ପଣ୍ଡା ପରିବାର ଗ୍ରିଲ ଖୋଲି ଗୋଦାମ ଭଳିଆ ବ୍ୟବହାର କରଥିଲେ। ହେଲେ ଘର ଭିତର ଚାବି ସେମାନଙ୍କ ପାଖରେ ନ ଥିଲା। ଘର ଓ ଗୋଦାମ ମାଲିକ ସୁକାନ୍ତ ପଞ୍ଜାବରେ ରହୁଥିବାବେଳେ ସେମାନେ ସମ୍ପର୍କୀୟ କାକା ହୋଇଥିବାରୁ ପଣ୍ଡା ଦୁଇ ଭାଇ ଏକ ରକମ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ସେହି ଘର ନିଛାଟିଆ ଓ ଅନ୍ଧାରୁଆ ସାହିରେ ହୋଇଥିବାରୁ ନିରାପଦ ବୋଲି ଭାବି ନେଇଥିଲେ। ହେଲେ ସେହିଘରେ ରଖିବାକୁ ନିଷ୍ପତ୍ତି ନେବା ପରେ ଗାଁରୁ ଜଣେ ବ୍ୟକ୍ତିଙ୍କ ଠାରୁ ଏକ ଆରି ପାତିଆ ଆଣି ତାଲାକୁ କାଟିଥିଲେ। ପରେ ଅମ୍ରିତଙ୍କୁ ରୋଷେଇ ଘରେ ଦୁଇଟି ଗାମୁଛା ରେ ହାତ ଗୋଡବାନ୍ଧି ପକାଇଥିଲେ। ଜଣେ ପାଳି କରି ୨୪ ଘଣ୍ଟା ଜଗି ରହିଥିଲେ। ସବୁ ସମୟରେ ସେମାନେ ମୁହଁରେ ମୁଖା ପିନ୍ଧି ହିନ୍ଦି ଭାଷାରେ କଥାବାର୍ତ୍ତା କରୁଥିଲେ। ଏପରିସ୍ଥଳେ ଅଭିଯୁକ୍ତମାନେ ତରବରିଆ ଭାବେ ଚଣ୍ଡିଛକ ଗୋଦାମ ଘରେ ସେମାନଙ୍କ ଏକ ଜ୍ୟାକେଟ ଛାଡି ଆସିଥିବା ବେଳେ ଅମ୍ରିତଙ୍କ ବହି ବସ୍ତାନୀକୁ ଦୁଇ ଅଭିଯୁକ୍ତଙ୍କ ଭାଇଙ୍କ ବାରିପଟେ ଥିବା କୂଅ ଭିତରକୁ ପଥର ପୁରାଇ ଫୋପାଡି ଦେଇଥିଲେ। ଯାହା ଜବତ ହୋଇଛି। ପ୍ରତିମୁହୂର୍ତ୍ତରେ ଅମ୍ରିତଙ୍କୁ ମୁହଁ ନ ଖୋଲିବା ପାଇଁ ଧମକ ଦେବା ସହିତ ପାଟି ଖୋଲିଲେ ଛୁରୀ ଦେଖାଇ ତଣ୍ଟି କାଟିଦେବାକୁ ଧମକ ଦେଉଥିଲେ। ଅନ୍ୟପକ୍ଷେ ସ୍ୱପ୍ନ ଏବଂ ସୁନୀଲ ବାହାର ଗତିବିଧି ଲକ୍ଷ୍ୟ କରିବାକୁ ଅମ୍ରିତ ରହୁଥିବା ଘର ସମ୍ମୁଖରେ ବ୍ୟାଡମିଣ୍ଟନ ଖେଳୁଥିଲେ। ସେମାନେ ଖେଳିବା ସମୟରେ ସେହି ଗ୍ରାମର ବିକାଶ ସାର ନାମକ ଜଣେ ଟ୍ୟୁସନ ମାଷ୍ଟର ସେମାନଙ୍କ ଗତିବିଧିରେ ସନ୍ଦେହ କରି ଅମ୍ରିତର ନିଖୋଜ ସମ୍ପର୍କରେ ପଚାରିଥିଲେ। ଅନ୍ୟପକ୍ଷେ ଅପହରଣ ରାତିର ତୃତୀୟ ଦିନ ପଣ୍ଡା ଭ୍ରାତା ଚତୁରତାର ସହିତ ଋଣ ଟଙ୍କା ପରିଶୋଧ କରିବା ମୁସ୍କିଲ ଦର୍ଶାଇ ଗାଡ଼ିଟିକୁ ସଂପୃକ୍ତ ଅର୍ଥଲଗାଣକାରୀ ସଂସ୍ଥାକୁ ହସ୍ତାନ୍ତର କରିଦେଇଥିଲେ। ହେଲେ ହଠାତ୍ ବୋଲେରୋ ଅନ୍ତର୍ଦ୍ଧାନ ହୋଇଯିବା ନେଇ କୁରାଳ ଗ୍ରାମରେ ଚାପା ଗୁଞ୍ଜରଣ ସୃଷ୍ଟି ହେବା ସହିତ ନାନା ଆଲୋଚନା ହୋଇଥିଲା। ଅପହରଣ ଦିନ ରାତିରୁ ହିଁ ପୋଲିସ ଓ ପ୍ରେସ ଆକ୍ସନ ମୁଡ୍‌କୁ ଆସିଥିବାରୁ ଅପହରଣକାରୀଙ୍କ ନିଦ ହଜିଯାଇଥିଲା। ଟେନସନ ବଢ଼ିଯିବାରୁ ଅମ୍ରିତଙ୍କ ବାପାଙ୍କୁ ଫୋନ କରିବାକୁ କୌଣସି ପୁରୁଣା ସିମ୍ ଯୋଗାଡ କରି ପାରି ନଥିଲେ। ସେମାନେ ପ୍ରଥମକରି ଏହିଭଳି ଅପରାଧ ଦୁନିଆଁରେ ପାଦ ଥାପିଥିବାରୁ ହଡବଡେଇ ଯାଇଥିଲେ। ସୋମବାର ଭୋର ସମୟରେ ସେମାନେ ଅମ୍ରିତଙ୍କୁ ଛାଡି ଚାଲିଯାଇଥିଲେ। ଦୁଇ ପଣ୍ଡା ଭ୍ରାତା ପ୍ରାୟ ୧୩ ଲକ୍ଷ ଟଙ୍କା ଋଣ ମୁକ୍ତ ହେବାକୁ ଅପହରଣ ନାଟକ କରିଥିବା ବେଳେ ସୁନୀଲଙ୍କୁ ୩୨ ପ୍ରତିଶତ ଆଦାୟ ଟଙ୍କାରୁ ଦେବାକୁ କହି ଅପହରଣ ନାଟକ ପ୍ରସ୍ତୁତ କରିଥିଲେ। ସୋମବାର ଭୋର ସମୟରେ ଅମ୍ରିତଙ୍କୁ ଛାଡି ଚାଲିଯିବାପରେ ଅମ୍ରିତ ନିଜକୁ ସାମାନ୍ୟ ସୁରକ୍ଷିତ ମନେକରି ପ୍ରଥମେ ନିଜ ହାତରୁ ଗାମୁଛା ଓ ପରେ ଗୋଡରୁ ଗାମୁଛା ଖୋଲି ମୁକ୍ତ ହୋଇଥିଲା। ରୋଷେଇ ଘର ଜାଲି କବାଟ ଭାଙ୍ଗି ପ୍ରଥମ ସୋପାନ ପାର କଲା ପରେ ସାମନାରେ ଥିବା ଏକ ଝରକା ଭିତରେ ହାତ ପୁରାଇ କବାଟରେ ଲାଗିଥିବା ଗେଡାକୁ ଠେଲିଥିଲେ। ଧିରେ ଧିରେ ଘର ସାମନାରେ ଲାଗିଥିବା ଗ୍ରିଲ ନିକଟକୁ ଆସି ଘର ସାମ୍ନାରେ ଥିବା ଏକ ପାଇପକୁ ପାଣି ନେବାକୁ ଆସିଥିବା ଜଣେ ମହିଳାଙ୍କୁ ହାତ ଠାରି ଡାକିଥିଲେ। ସମ୍ପୃକ୍ତ ମହିଳା ତାଙ୍କ ପାଇଁ ଦେବଦୂତ ସାଜିଥିଲେ। ପରେ ଅପରାଧି ଧରା ପଡିଥିଲେ। ଫାଇନାନ୍ସ କମ୍ପାନୀରେ ଜମା କରାଯାଇଥିବା ଓଡି୦୨ବିଏକ୍ସ ୯୨୧୨ ନମ୍ବର ବିଶିଷ୍ଟ ବୋଲେରୋ ପିକ୍ ଅପ୍ ଭ୍ୟାନ ମଧ୍ୟ ଜବତ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।


ଗିରଫ ଅଭିଯୁକ୍ତମାନେ।



ଜବତ ଗାଡ଼ି ଓ ଅମ୍ରିତର ବ୍ୟାଗ୍।

## ପୁନର୍ଜନ୍ମ ପାଇଁ କେକ୍ କାଟିଲେ ଅମ୍ରିତ

ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଓଡ଼ଗାଁ ଥାନାରେ ଖବରଦାତାମାନଙ୍କୁ ଅମ୍ରିତ ଅପହରଣ ସଂକ୍ରାନ୍ତରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ଖବରଦାତା ସମ୍ମିଳନୀ ପରେ ଅମ୍ରିତଙ୍କ ମା'ବାପା ଥାନା ପରିସରରେ ପହଞ୍ଚି ପୋଲିସ ଓ ଖବରଦାତାମାନଙ୍କୁ ଧନ୍ୟବାଦ ଜଣାଇବା ସହିତ କେକ୍ କାଟି ଅମ୍ରିତଙ୍କ ପୁର୍ନଜନ୍ମ ଦିନ ପାଳନ କରିଥିଲେ। ଏଥିସହିତ ସମସ୍ତଙ୍କୁ କେକ୍ ବାଣ୍ଟିଥିଲେ। ଏସ୍‌ପି ପହିଙ୍କ ସମେତ ଏସ୍‌ଡିପିଓ କିରଣ ହେମ୍ବ୍ରମ ଓ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୪ରେ ସାମନ୍ତ ସ୍ମୃତିମନ୍ଦିର ପକ୍ଷରୁ ପଠାଣି ସାମନ୍ତଙ୍କ ଜୟନ୍ତୀ

**ଖଣ୍ଡପଡ଼ା,୨୧।୧୨(ସ୍ୱ.ପ୍ର.):** ପଠାଣି ସାମନ୍ତଙ୍କ ୧୮୮ ତମ ଜୟନ୍ତୀ ଉତ୍ସବ ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ର ଶେଖର ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ପ୍ରତି ବର୍ଷ ପରି ଆସନ୍ତା ୨୪ ତାରିଖରେ ପାଳିତ ହେବ। ଏ ଅବସରରେ ଆୟୋଜିତ ହେବାକୁ ଥିବା ସାଧାରଣ ସଭାରେ ମୁଖ୍ୟ ଅତିଥି ରୁପେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଶିଷ୍ଟ ଅତିଥି ରୁପେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଖଣ୍ଡପଡା ଏନଏସି ଅଧକ୍ଷା ଆରତୀ ପ୍ରଧାନ ଓ ଚଳଚିତ୍ର ଅଭିନେତ୍ରୀ ସୋଫିଆ ଆଲମ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସଭାପତି ନାରାୟଣ ଦାଶ, ସମ୍ପାଦକ ବିନାୟକ ସାହୁ ଓ କାର୍ଯ୍ୟକାରୀ ସଭାପତି ବିନାୟକ ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ଗୁଳିକାଣ୍ଡରେ ଆର୍ମି ଇଞ୍ଜିନିୟର ହତ୍ୟା ଘଟଣା
### ଡିସଚାର୍ଜ ହେବା ପରେ ୩ ଜେଲ ଗଲେ

**ନୟାଗଡ଼ ଅଫିସ,୨୧।୧୨:** ନୟାଗଡ ଜିଲା ଇଟାମାଟି ଥାନା କୃଷ୍ଣପ୍ରସାଦ ଗାଁରେ ଗୁଳିକାଣ୍ଡ ଘଟଣାରେ ଅନିରୁଦ୍ଧ ନାୟକ (୨୭) ନାମକ ଜଣେ ଆର୍ମି ଟେକ୍ନିକାଲ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ପୋଲିସ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନିବାସୀ ନାୟକ, ଆକୁଳ ନାୟକ ଓ ତାରେଶ୍ୱର ନାୟକଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆ ଯାଇଛି। ଏହି ୩ ଅଭିଯୁକ୍ତ ଆହତ ହୋଇ ଜିଲା ମୁଖ୍ୟ ଚିକତ୍ସାଳୟରେ ଚିକତ୍ସିତ ହେଉଥିଲେ। ୩ ଅଭିଯୁକ୍ତ ଡିସଚାର୍ଜ ହେବା ପରେ ଗିରଫ କରାଯାଇଥିଲା। ଏନେଇ ନୟାଗଡ ଟାଉନ ଥାନାରେ ନୟାଗଡ଼ ଏସପି ଅଲେଖ ଚନ୍ଦ୍ର ପହି ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ଅନୁସାରେ ଅଭିଯୁକ୍ତଙ୍କ ଠାରୁ ଗଣ୍ଡଗୋଳ ସମୟରେ ବ୍ୟବହୃତ ଦାଆ, ବନ୍ଧୁକ ଓ ଠେଙ୍ଗା ଜବତ କରାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାସୁଦେବ ନାୟକଙ୍କ ସମେତ ମହେଶ୍ୱର ନାୟକ ପ୍ରମୁଖ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛି। ତେବେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ପ୍ରଥମରୁ ଅଟକ ରଖିଥିଲେ ମଧ କୋର୍ଟ ଚାଲାଣ କରି ନାହିଁ। ଏନେଇ ଏସ୍‌ପି କିଛି କହି ନ ଥିଲେ।ସେହିପରି ଜଣେ ଅଭିଯୁକ୍ତଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟରୁ ଜଣେ ଭାଜପା ନେତା ଫେରାର କରି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଏସ୍‌ପି କହିଥିଲେ ଡାକ୍ତରଖାନାରେ ଚିକିତ୍ସା ଚାଲିଥିବାବେଳେ ଅଭିଯୋଗ ନ ଥିଲା। ଏଣୁ ସେ ଅଭିଯୁକ୍ତ ହେଲେ କିପରି। କିଏ ଖସାଇ ନେଲେ, ତାଙ୍କର ସମ୍ପୃକ୍ତି ଅଛି କି ନାହିଁ ଅଭିଯୋଗ କଲେ ପୋଲିସ ତଦନ୍ତ କରିବ ବୋଲି କହିଛନ୍ତି। ପ୍ରକାଶଯେ ଗତ ୧୯ ତାରିଖରେ ଗୁଳିମାଡରେ ଅନିରୁଦ୍ଧ ନାୟକଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୭ ଜଣ ଆହତ ହୋଇଥିଲେ।

## ତୃତୀୟ, ପଞ୍ଚମ ଶ୍ରେଣୀ ମେଧାବୃତ୍ତି ଫଳ ପ୍ରକାଶ

■ ବାଜି ମାରିଲେ କେଏସ୍‌ବି ଛାତ୍ରୀଛାତ୍ର
■ ସୂର୍ଯ୍ୟବ୍ରତ ପ୍ରଧାନ ବ୍ଲକରେ ପ୍ରଥମ

**ନୟାଗଡ଼ ଅଫିସ,୨୧।୧୨**

ଚଳିତ ବର୍ଷର ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷା ଫଳ ଓଡ଼ଗାଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବୁଧବାର ପ୍ରକାଶ ପାଇଛି। ଏଥିରେ କେଏସ୍‌ବି ପବ୍ଲିକ ସ୍କୁଲ ଶରଣକୁଳର ଛାତ୍ରୀଛାତ୍ର ବାଜିମାତ କରିଛନ୍ତି। ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ର ସୂର୍ଯ୍ୟବ୍ରତ ପ୍ରଧାନ ସର୍ବୋଚ୍ଚ ନମ୍ବର ରଖି ଓଡ଼ଗାଁ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସେହିପରି ଏହି ସ୍କୁଲର ତୃତୀୟ ଓ ପଞ୍ଚମ ଶ୍ରେଣୀରେ ମୋଟ୍ ଚାରି ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷା ଦେଇଥିବା ବେଳ ସମସ୍ତେ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ହରପ୍ରିୟା ମୁଦୁଲିଙ୍କ ସମେତ ତୃତୀୟ ଶ୍ରେଣୀର ଶୁଭଲକ୍ଷ୍ମୀ ମହାପାତ୍ର ଓ ଅନିତା ପ୍ରିୟଦର୍ଶିନୀ ମେଧାବୃତ୍ତି ହାସଲ କରିଛନ୍ତି। ବୃତ୍ତିଧାରୀମାନଙ୍କୁ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ସଫଳତା ନେଇ ସାଧାରଣରେ ଖୁସିର ଲହରୀ ଖେଳିଯାଇଛି।


ବ୍ଲକ୍ ଟପ୍ପର ସୂର୍ଯ୍ୟବ୍ରତ ପ୍ରଧାନ।

## ଜାନୁୟାରୀ ୨୦ରୁ ହୀରକ ଜୟନ୍ତୀ ଉଦ୍‌ଯାପିନୀ ସମାରୋହ

**ନୟାଗଡ଼ ଅଫିସ,୨୧।୧୨**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷାଠିଏ ବର୍ଷ ପୂର୍ତ୍ତିରେ ହୀରକ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଅଧକ୍ଷ ସୁରେଶ କୁମାର ପ୍ରଧାନଙ୍କ ଅଧକ୍ଷତାରେ କଲେଜ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୨୦,୨୧ ଓ ୨୨ ରେ ହୀରକ ଜୟନ୍ତୀ ଉତ୍ସବର ଉଦଯାପନୀ ସମାରୋହ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ସମାରୋହର ଅନ୍ତିମ ଦିବସ ୨୨ ଜାନୁୟାରୀରେ ପୁରାତନ ଛାତ୍ରୀଛାତ୍ର ଦିବସ ପାଳିତ ହେବ। ଆଲୁମିନି କମିଟି ପକ୍ଷରୁ ବିଶ୍ୱନାଥ ମହାପାତ୍ରଙ୍କ ସମେତ ଅନ୍ତର୍ଯ୍ୟାମୀ ମହାନ୍ତି, ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ବୈଠକରେ ଯୋଗଦେଇ ଉଦଯାପନର କାର୍ଯ୍ୟସୂଚୀ ଗ୍ରହଣ କରିଥିଲେ।

## ୧୪କୋଟିର ଗଞ୍ଜେଇ ଗଛ ନଷ୍ଟ

**ବାଲିଗୁଡ଼ା,୨୧।୧୨(ଡି.ଏନ.ଏ.)**

ପୋଲିସ ଓ ଅବକାରୀ ବିଭାଗର ମିଳିତ ପ୍ରୟାସରେ ପୁଣି ୧୪କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ ହେଲା। କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବାଟାଗୁଡ଼ା ଗ୍ରାମପଞ୍ଚାୟତର ପୁଷାଙ୍ଗିଆ, ପାଲୁଙ୍କିଆ ଓ ଜକିକିଆ ଅଞ୍ଚଳର ୧୪୦ ଏକର ଜଙ୍ଗଲ ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିଛି ମିଳିତ ଟିମ୍।

## ଖଣ୍ଡପଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ସାଧାରଣ ବୈଠକ


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଖଣ୍ଡପଡ଼ା,୨୧।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ସାଧାରଣ ଅଧିବେଶନ ବ୍ଲକ ଅଧକ୍ଷା ଉପମା ବେହେରାଙ୍କ ପୌରୋହିତ୍ୟରେ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅରୁଣୀମା ସାହୁ, ବ୍ଲକ ପ୍ରଶାସନର ସମସ୍ତ ପଦସ୍ଥ ଅଧିକାରୀ,ପ୍ରଶାସନିକ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ପଞ୍ଚାୟତରେ ବିଭିନ୍ନ ଲୋକ ହିତକର ଯୋଜନାର ସଫଳ ରୁପାୟନ ନେଇ ଆଲୋଚନା ହୋଇଥିଲା। ସର୍ବମୋଟ ୯ଟି ଯୋଜନା ମଧ୍ୟରୁ ଯେ କୌଣସି ଗୋଟିଏ ଯୋଜନା ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ କରିବା ନିମନ୍ତେ ଜନ ପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଦାରିଦ୍ର୍ୟ ଦୂରୀକରଣ ସହ ପଞ୍ଚାୟତର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିବା, ସ୍ୱଚ୍ଛ ଓ ସବୁଜ ପରିବେଶ ପଞ୍ଚାୟତ ଗଠନ, ପ୍ରଗତିଶୀଳ ଶିଶୁ ବତ୍ସଳ ପଞ୍ଚାୟତ ଗଠନ ଉପରେ ଗୁରୁତ୍ୱ ଦେବାକୁ ବିଡିଓ ଜନପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ, ଜିପିଓ ଅନିତ କୁମାର ବଡସେଟ, ଜିଲା ପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା, ୫ନଂ. ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ୬ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଓ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ନୟାଗଡ଼ ବିଧାନସଭା ମଣ୍ଡଳୀ ଉନ୍ନୟନ କାର୍ଯ୍ୟ ସମୀକ୍ଷା

■ ନୂଆବସଷ୍ଟାଣ୍ଡକୁ ବସ୍ ନ ଯିବାକୁ ନେଇ ଖପ୍ପା ହେଲେ ବିଧାୟକ
■ ପାନୀୟ ଜଳ ଯୋଗାଣ ନାଁରେ ଭଲ ରାସ୍ତାକୁ କରାଯାଉଛି ନଷ୍ଟ
■ ଉଦ୍‌ବେଗ ପ୍ରକାଶ କରି ଭଲ କାମ କରିବାକୁ ନିର୍ଦ୍ଦେଶ
■ ପୂର୍ତ୍ତ ବିଭାଗର ବଙ୍ଗଳାରେ ହେବ ବଡ଼ପଣ୍ଡୁସର ସିଏଚ୍‌ସି

**ନୟାଗଡ଼ ଅଫିସ,୨୧।୧୨**

ନୟାଗଡ଼ ବିଧାନସଭା କ୍ଷେତ୍ରର ଉନ୍ନୟନ କମିଟି ବୈଠକ ବୁଧବାର ଜିଲା ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଅଧକ୍ଷତା କରି କହିଥିଲେ ନୂଆ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯାଇଥିଲେ ସେଠାକୁ ବସ ଯାଉନାହିଁ। ଏନେଇ ସାହୁ ଖପ୍ପା ହୋଇ ଶୀଘ୍ର ସମାଧାନ କରିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ପାନୀୟ ଜଳ ଯୋଗାଣ ପାଇଁ ନୟାଗଡ଼ ସହରର ନୂଆ ରାସ୍ତାକୁ ପିଏଚଡି ଠିକ ଭାବେ ନଖୋଳି ନଷ୍ଟ କରି ଦେଉଛି। ପୁଣି ବହୁ ଦିନ ପକାଇ ରଖିବା ସହ ସିମେଣ୍ଟ କାମ ଠିକ ଭାବେ କରୁ ନାହିଁ। ବିଧାୟକ ଉଦ୍‌ବେଗ ପ୍ରକାଶ କରି ଭଲ କାମ କରିବା ସହ ରାସ୍ତା ନଷ୍ଟ ନହେବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବଡପଣ୍ଡୁସର ସିଏଚସି ନିର୍ମାଣ ପାଇଁ ସ୍ଥାନ ଅଭାବ ରହିଛି। ସ୍ଥାନୀୟ ପୂର୍ତ୍ତ ବିଭାଗର ବଙ୍ଗଳାର ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକଙ୍କ ପରିଚୟ ପତ୍ର, ଶିକ୍ଷା ସହାୟତା, ମୃତ୍ୟୁ କାଳୀନ ସହାୟତା, ବିବାହ କାଳୀନ ସହାୟତା ପ୍ରମୁଖ ୫ ବର୍ଷ ହେଲା ହେଉ ନଥିବାରୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ବିଧାୟକ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡି ଗୃହ ମନ୍ଥରଗତିରେ ଚାଲିଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ମୁକ୍ତା ଯୋଜନା ସମସ୍ୟା, ମିଶନ ଶକ୍ତିର ଅସୁବିଧା ଉପରେ ଆଲୋଚନା ହୋଇଥିଲା। ସବୁ ବିଭାଗରେ ବିଦ୍ୟୁତ୍ ସମସ୍ୟା ରହିଥିବାରୁ ସମନ୍ୱୟ ରଖି କାମ ଶେଷ କରିବାକୁ କୁହାଯାଇଛି। ଟ୍ରାଫିକ ପୋଷ୍ଟର ନବକଳେବର ହେଉଥିବାରୁ ବିଧାୟକ ଏହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ କହିଥିଲେ। ମେଗା ୱାଟର ପ୍ରୋଜେକ୍ଟ ମନ୍ଥର ଗତିରେ ଚାଲିଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ଆରଡବ୍ଲୁଏସଏସର ନିର୍ବାହୀ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ମହାନଦୀ ପାଣି ଜିଲା ମୁଖ୍ୟ ଚିକିତ୍ସାଳୟର ଡାୟାଲେସିସ କେନ୍ଦ୍ରକୁ କିପରୀ ଶୀଘ୍ର ଆସିବ ସେନେଇ ଆଲୋଚନା ହୋଇଥିଲା। କୁସୁମୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ କୁହାଯାଇଛି। ପୁଣି ଡାହୁକ କେନାଲ ମରାମତି ଉପରେ ଆଲୋଚନା ହୋଇଥିଲା। ସେହିପରି ବିଭିନ୍ନ ବିଭାଗର କାର୍ଯ୍ୟର ସମୀକ୍ଷା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ ଏସପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଏସପି ଉମାକାନ୍ତ ମଲ୍ଲିକ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।



ସମୀକ୍ଷା ବୈଠକରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

## ପ୍ରହସନ ପାଲଟିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

■ ଶ୍ରମିକଙ୍କ ବଦଳରେ ମେଶିନରେ ହେଉଛି କାମ
■ ଶ୍ରମିକଙ୍କ ଜାଲ ଦସ୍ତଖତରେ ଲୁଟ୍ ହେଉଛି ଲକ୍ଷାଧିକ ଟଙ୍କା
■ ବାରମ୍ବାର ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

**ନୂଆଗାଁ,୨୧।୧୨(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପ୍ରହସନ ପାଲଟିଛି। ଏହି ଯୋଜନାର ସବୁ ନିୟମ କାନୁନକୁ ଉଲ୍ଲଂଘନ କରି ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଠିକାଦାର ମିଳିମିଶି ସରକାରଙ୍କ ଟଙ୍କା ଲୁଟୁଛନ୍ତି। ହେଲେ ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଶ୍ରମିକମାନେ ଦାଦନ ଖଟିବାକୁ ନ ଯାଇ ନିଜ ପରିବାର ସହ ଗାଁରେ ରହି ରୋଜଗାର କରିବା ପାଇଁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଶ୍ରମିକମାନଙ୍କୁ ଶହେ ଦିନର କାମ ଯୋଗାଇ ଦିଆଯାଉଥିବା ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ନୂଆଗାଁ ବ୍ଲକରେ ପ୍ରତ୍ୟେକ ଏମ୍‌ଜିଏନ୍‌ଆରଇଜିଏସ୍ କାମ ମେଶିନରେ କରାଯାଉଥିବା ବେଳେ ଜବ୍ କାର୍ଡ ମାଧ୍ୟମରେ ଶ୍ରମିକମାନଙ୍କ ବ୍ୟାଙ୍କ ଜମା ଖାତାକୁ ଟଙ୍କା ଯାଉଛି। କିନ୍ତୁ ଠିକାଦାର ଉକ୍ତ ଟଙ୍କାରୁ ଶହେ କିମ୍ବା ୨ ଶହ ଟଙ୍କା ଜବ୍ କାର୍ଡଧାରୀଙ୍କୁ ଦେଇ ସବୁ ଟଙ୍କା ଉଠାଇ ଆଣୁଛନ୍ତି। ଟଙ୍କା ଲୁଟିବା ପାଇଁ ଠିକାଦାରଙ୍କୁ ସୁହାଇବା ଭଳି ଅନାବଶ୍ୟକ ସ୍ଥାନରେ ପ୍ରକଳ୍ପ କରାଯାଉଛି। ଏଠାରେ ପାରାଡିପି ପଞ୍ଚାୟତର ପତ୍ରପଡିଠାରୁ କଣ୍ଟିଆମ୍ବା ବାରିତଳ ରାସ୍ତା ନିର୍ମାଣକୁ ଉଦାହରଣ ରୂପେ ନିଆଯାଉ। ଜାକେଡା ପଞ୍ଚାୟତର ଶିମିଳିସାହି ଆର୍.ଡି ରାସ୍ତାଠାରୁ କଣ୍ଟିଆମ୍ବା ଗ୍ରାମ ମଧ୍ୟ ଦେଇ ବାଲଣ୍ଡା ପର୍ଯ୍ୟନ୍ତ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଉଛି। ଅନ୍ୟପଟେ ନୂଆଗାଁ ବ୍ଲକ ତରଫରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୮ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ କଣ୍ଟିଆମ୍ବା ବାରିପଟେ ରାସ୍ତା ନିର୍ମାଣ ହେଉଛି। ଉକ୍ତ କାମ ମେଶିନ ଦ୍ୱାରା କରାଯାଇଥିବା ବେଳେ କେତେଜଣ ଲୋକଙ୍କୁ ସେହି ରାସ୍ତାରେ ଠିଆ କରାଇ ଡିସେମ୍ବର ୮ରୁ ପ୍ରତିଦିନ ଜିଓ ଟ୍ୟାଗ୍ କରି ଜବ୍‌କାର୍ଡଧାରୀ ଶ୍ରମିକମାନଙ୍କ ନାମରେ ଟଙ୍କା ଉଠାଣ ଚାଲିଛି। ଏସବୁ ଅନିୟମିତତା ବାବଦରେ ଗାଁ ସାଥୀଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତେ ଅବଗତ ଥିଲେ ମଧ୍ୟ ମେଶିନରେ ହୋଇଥିବା କାମକୁ ଶ୍ରମିକ କରୁଥିବା ମିଥ୍ୟା ତଥ୍ୟ ସରକାରଙ୍କୁ ପ୍ରଦାନ କରି ଅର୍ଥ ଲୁଟୁଛନ୍ତି। ସୂଚନା ଫଳକରେ ନଭେମ୍ବର ୩୦ରୁ କାର୍ଯ୍ୟାରମ୍ଭ ହୋଇଥିବା ଲେଖାଥିବା ବେଳେ ଅନ୍ ଲାଇନରେ ତାହା ଅକ୍ଟୋବର ୬ ଦର୍ଶାଯାଇଛି। ତେବେ ଏମ୍‌ଜିଏନଆରଇଜିଏସ୍ ଯୋଜନାର ପ୍ରତିଟି ନିୟମକାନୁନକୁ ଉଲ୍ଲଂଘନ କରି ଟଙ୍କା ଲୁଟ ହେଉଥିବାରୁ ଏହା ଏକ ପ୍ରହସନ ବୋଲି ବୁଦ୍ଧିଜୀବିମାନେ ମତ ରଖିଛନ୍ତି।

ଏ ବାବଦରେ ନୟାଗଡ଼ ଜିଲା ପରିଷଦ ମୂଖ୍ୟ ଉନ୍ନୟନ ଅଧିକାରୀ ତଥା ମୂଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରେ ଗ୍ରାମ ସଭା ଏବଂ ପଲ୍ଲୀସଭାରେ ଯାହା ନିଷ୍ପତ୍ତି ନିଆ ଯାଏ ସେହିସ୍ଥାନରେ କାମ ହୁଏ। ପ୍ରୋଜେକ୍ଟ ଅନୁମୋଦନ ପାଇଁ ପଠାଇବା ପୂର୍ବରୁ ବିଡିଓ କିମ୍ବା ଏପିଓ ତାହାର ଆବଶ୍ୟକତା ଦେଖିବା କଥା। କିନ୍ତୁ ସେମାନେ ତାହା କରୁ ନ ଥିବାରୁ ଏହି ଅସୁବିଧା ହେଉଛି। ଅଭିଯୋଗ ହେଲେ କାମ ବନ୍ଦ କରି ଦିଆଯିବ ବୋଲି ସେ କହିଛନ୍ତି।


ଗୋଟିଏ ପଟେ ଆର୍‌ଡି ଓ ଅନ୍ୟପଟେ ବ୍ଲକ କରୁଥିବା ରାସ୍ତା।

